بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 11

ସଂଖ୍ୟା: 24

ବାର୍ଷିକ ଦେୟ: 600/-

ସାପ୍ତାହିକ ବଦର୍

Weekly BADAR Qadian

କାଦିଆନ

Odia

ସମ୍ପାଦକ:

କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ୍

24 ଜୁଲ୍ ହଜ୍ଜା, 1447 ହି.କ, 11 ଇହସାନ୍ 1405 ହି.ଶ, 11 June 2026

ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

**ନ୍ୟାୟ ବିଚାର ଓ ଅନ୍ୟର ହିତ ସାଧନ: ଇସ୍‌ଲାମୀୟ ସମାଜର ସଶକ୍ତ ମୂଳଦୁଆ**

اِنَّ اللّٰہَ یَاۡمُرُ بِالۡعَدۡلِ وَالۡاِحۡسَانِ وَاِیۡتَآیِٔ ذِی الۡقُرۡبٰی وَیَنۡہٰی عَنِ الۡفَحۡشَآءِ وَالۡمُنۡکَرِ وَالۡبَغۡیِ ۚ یَعِظُکُمۡ لَعَلَّکُمۡ تَذَکَّرُوۡنَ

(ଅନ୍ ନହଲ୍ : 91)

**ଅନୁବାଦ:** ବାସ୍ତବରେ ଅଲ୍ଲାଃ ନ୍ୟାୟ ବିଚାର କରିବାକୁ ତଥା ଅନ୍ୟର ହିତ ସାଧନ କରିବାକୁ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସଦୃଶ ଅନ୍ୟମାନଙ୍କୁ ସାହାଯ୍ୟ କରିବାକୁ ଆଦେଶ ଦେଉଛନ୍ତି ଏବଂ ପ୍ରତ୍ୟେକ ପ୍ରକାରର ନିର୍ଲଜତା ଓ ଅଶୋଭନୀୟ ବିଷୟ ତଥା ବିଦ୍ରୋହ କରିବାକୁ ବାରଣ କରୁଛନ୍ତି । ସେ ତୁମମାନଙ୍କୁ ଏଥି ନିମନ୍ତେ ଉପଦେଶ ଦେଇଛନ୍ତି ଯଦ୍ୱାରା ତୁମେମାନେ ବୁଝିପାରିବ ।

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍ ।**

## ଆଁହଜରତ୍ ସ.ଅଙ୍କ ବାଣୀ

### ହଦିସେ ନବ୍‌ୱୀ ଅନୁଯାୟୀ ନ୍ୟାୟ ବିଚାର

ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ବନି ମଖ୍‌ଜୁମ୍‌ର ଜଣେ ମହିଳା ଚୋରି କଲା । କୁରୈଶ୍‌ମାନେ ଉକ୍ତ ଘଟଣା ଯୋଗୁଁ ବହୁତ ଚିନ୍ତିତ ଥିଲେ । ସେମାନେ ଚିନ୍ତା କଲେ ଯେ, ଉକ୍ତ ଘଟଣା ସଂପର୍କରେ କିଏ ଆଁହଜରତ୍ ସ.ଅଙ୍କ ସହିତ କଥାବାର୍ତ୍ତା ହେବ । ପରିଶେଷରେ ସେମାନେ ଏହା ଚିନ୍ତା କଲେ ଯେ, ଉସ୍ୱାମା ବିନ୍ ଜୈଦ୍ ଯେକି ଆଁହଜରତ୍ ସ.ଅଙ୍କ ଅତି ପ୍ରିୟ ଅଟନ୍ତି, ତାଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଏ ସଂପର୍କରେ ଆପଣ ସ.ଅଙ୍କୁ ପ୍ରଶ୍ନ ପଚାରିବା ସଂପର୍କରେ ମଧ୍ୟ ଭାବି ପାରିବ ନାହିଁ। ସୁତରାଂ ସେମାନେ ଉସ୍ୱାମାଙ୍କୁ ଏଥି ନିମନ୍ତେ ରାଜି ଓ ପ୍ରସ୍ତୁତ କରାଇଲେ । ହ. ଉସ୍ୱାମା ର.ଅ ଯେତେବେଳେ ଏଥି ସଂକ୍ରାନ୍ତରେ ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ଆପଣ ର.ଅ ଅତ୍ୟନ୍ତ ରୁଷ୍ଟ ହେଲେ । ଆପଣ ସ.ଅ କହିଲେ, ହେ ଉସ୍ୱାମା ! ଅଲ୍ଲାଃତାଲାଙ୍କ ସୀମା ସଂପର୍କରେ ତୁମେ ମୋତେ ସୁପାରିଶ୍ କରୁଛ ? ଏହା ପରେ ହୁଜୁର୍ ସ.ଅ ଛିଡ଼ା ହେଲେ ଏବଂ କହିଲେ, ହେ ଉସ୍ୱାମା! ତୁମ ପୂର୍ବବର୍ତ୍ତୀ ଲୋକମାନେ ଏଇଥି ପାଇଁ ବିପର୍ଯ୍ୟୟ ଏବଂ ମୃତ୍ୟୁର ଶିକାର ହେଲେ ଯେ, ଯେତେବେଳେ ସେମାନଙ୍କର କୌଣସି ବରିଷ୍ଠ ପ୍ରଭାବଶାଳୀ ବ୍ୟକ୍ତି ଚୋରି କରୁଥିଲା ସେତେବେଳେ ସେହି ବ୍ୟକ୍ତିକୁ ନାନା ଉପାୟ ଏବଂ କୌଶଳ କ୍ରମେ ଛାଡ଼ି ଦିଆଯାଉଥିଲା ଏବଂ ଯେତେବେଳେ କୌଣସି ଦୁର୍ବଳ ବ୍ୟକ୍ତି ଚୋରି କରୁଥିଲା ସେତେବେଳେ ସେହି ବ୍ୟକ୍ତିକୁ ସେମାନେ ପୂର୍ଣ୍ଣ ଶାସ୍ତି ପ୍ରଦାନ କରୁଥିଲେ। ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଯଦି ମୁହମ୍ମଦ୍ ସ.ଅଙ୍କ କନ୍ୟା ଫାତିମା ମଧ୍ୟ ଚୋରି କରିବ ତେବେ ମୁଁ ତା'ର ମଧ୍ୟ ହାତ କାଟି ଦେବି ଏବଂ ତହିଁରେ ତିଳେ ମାତ୍ର ଢିଲା (କୋହଳ ନୀତି ଅବଲମ୍ବନ କରିବି) ଦେବି ନାହିଁ । **(ମୁସ୍‌ଲିମ୍ କିତାବୁଲ୍ ହୁଦୁଦି, ଖତ୍‌ଉସ୍ ସାରିକିସ୍ ଶରିଫି ୱଗୈରହୁ)**

☆☆☆

## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

### ଇସ୍‌ଲାମ୍ ଧର୍ମରେ ନ୍ୟାୟବିଚାର କରିବା ଏବଂ ଅନ୍ୟର ହିତ ସାଧନ କରିବାର ମହତ୍ତ୍ୱ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଈଶ୍ୱର କୁହନ୍ତି ଯେ, ତୁମେମାନେ ନ୍ୟାୟବିଚାର ଏବଂ ଅନ୍ୟର ହିତ ସାଧନ ଓ ଆତ୍ମୀୟ ସ୍ୱଜନମାନଙ୍କର କର୍ତ୍ତବ୍ୟ ନିର୍ବାହ ନିଜ ନିଜ ସ୍ଥାନରେ କର । ଅତଏବ୍ ଏହା ଜାଣି ରଖିବା ଉଚିତ୍ ଯେ, ଇଞ୍ଜିଲ୍‌ର ଶିକ୍ଷା ଏହି ପ୍ରକାରର ପୂର୍ଣ୍ଣତ୍ୱ ତଥା ଚରମ ମର୍ଯ୍ୟାଦା ଯାହା ସହିତ ସଂସାରର ବ୍ୟବସ୍ଥା ଜଡ଼ିତ ଅଟେ ତାହା ଠାରୁ ମଧ୍ୟ ଅତ୍ୟନ୍ତ ନିମ୍ନମାନର ଅଟେ । ଏହି ଶିକ୍ଷାକୁ ପୂର୍ଣ୍ଣ ବୋଲି ବିଚାର କରିବା ମଧ୍ୟ ମସ୍ତ (ବହୁତ) ବଡ଼ ଭୁଲ୍ ହେବ । ଏପରି ଶିକ୍ଷା କଦାପି ପୂର୍ଣ୍ଣ ହୋଇପାରିବ ନାହିଁ" **(ବରାହିନେ ଅହମଦିୟା, ଭାଗ-4, ରୁହାନୀ ଖଜାଏନ୍ ଗ୍ରନ୍ଥଖଣ୍ଡ-1, ପୃ-426-427, ବି.ଦ୍ରର ପୁନଃ ବି.ଦ୍ର ସଂଖ୍ୟା-3)**

ଈଶ୍ୱର ତୁମମାନଙ୍କୁ ଏହି ଆଦେଶ ଦେଇଛନ୍ତି ଯେ, ତୁମେମାନେ ତାହାଙ୍କ ପ୍ରତି ଏବଂ ତାହାଙ୍କ ପ୍ରାଣୀମାନଙ୍କ ପ୍ରତି ନ୍ୟାୟ ପ୍ରଦର୍ଶ କର ଏବଂ ଅଲ୍ଲାଃତାଲାଙ୍କର ଅଧିକାର ଏବଂ ତାହାଙ୍କ ଭକ୍ତମାନଙ୍କର କର୍ତ୍ତବ୍ୟ ସମ୍ପାଦନ କର । ଯଦି ଏହାଠୁ ବି ଅଧିକ ହୋଇପାରୁଛି ତେବେ କେବଳ ନ୍ୟାୟ ବିଚାର ପ୍ରଦର୍ଶନ କର ନାହିଁ ବରଂ ଉପକାର ଓ ହିତ ସାଧନ ମଧ୍ୟ କର । ଅର୍ଥାତ୍ କର୍ତ୍ତବ୍ୟ ଠାରୁ ଏବଂ ଏପରି ନିଷ୍ଠାର ସହିତ ଈଶ୍ୱରଙ୍କର ଭକ୍ତି ପ୍ରଦର୍ଶନ କର ଯେପରକି ତୁମେମାନେ ତାହାଙ୍କୁ ଦେଖିଥାଅ । ଅଧିକାର ତଥା କର୍ତ୍ତବ୍ୟ ଠାରୁ ଅଧିକ ଲୋକମାନଙ୍କ ସହିତ ଶିଷ୍ଟତା ଏବଂ ବିନମ୍ରତା ବ୍ୟବହାର ପ୍ରଦର୍ଶନ କର । ଯଦି ଏହାଠୁ ବି ଅଧିକ ହୋଇପାରୁଛି ତେବେ ଏପରି ନିଷ୍ପ୍ରୟୋଜନୀୟମୂଳକ ଅଭିପ୍ରାୟ, ଈଶ୍ୱରଙ୍କ ଉପାସନା ଏବଂ ମାନବ ସେବା ସମ୍ପାଦନ କର ଯେପରିକି କୌଣସି ଅତ୍ମୀୟ ସ୍ୱଜନ ସହିତ ଉତ୍ସାହିତ ହୋଇ ସମ୍ପାଦନ କରାଯାଇଥାଏ । **(ଶହ୍‌ନାଏ ହକ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-2, ପୃ-361-362)**

☆--☆--☆

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ

### ତୁମେମାନେ ଈଶ୍ୱରଙ୍କ ବିଶିଷ୍ଟ ଗୁଣାବଳୀର ଦର୍ପଣ ହୁଅ ଏବଂ ତାହାଙ୍କ ଦୟା ଏବଂ କରୁଣାମୂଳକ ଛତ୍ରଛାୟା ତଳେ ରହି ନିଜର ଜୀବନକୁ ଅତିବାହିତ କର ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁନ୍ ନହଲ୍‌ର ଆୟତ୍ ସଂଖ୍ୟା 91 اِنَّ اللّٰہَ یَاۡمُرُ بِالۡعَدۡلِ وَالۡاِحۡسَانِ وَاِیۡتَآیِٔ ذِی الۡقُرۡبٰی وَیَنۡہٰی عَنِ الۡفَحۡشَآءِ وَالۡمُنۡکَرِ وَالۡبَغۡیِ یَعِظُکُمۡ لَعَلَّکُمۡ تَذَکَّرُوۡنَ ର ବ୍ୟାଖ୍ୟା କରି କୁହନ୍ତି: "ଉକ୍ତ ଆୟତ୍‌ରେ ତିନୋଟି କଥା କରିବା ନିମନ୍ତେ ଆଦେଶ ଦିଆଯାଇଛି ଏବଂ ତିନୋଟି କଥାରୁ ଅଟକିଯିବା ଅର୍ଥାତ୍ ନିବୃତ ରହିବା ନିମନ୍ତେ ଆଦେଶ ଦିଆଯାଇଛି ତଥା ଖରାପ କଥାରୁ ଅଟକିବା ଅର୍ଥାତ୍ ନିବୃତ୍ତ ରହିବା ଉପରେ ପ୍ରତିପାଦିତ କରିଥାଏ ଏବଂ ଭଲ କଥା କହିବା ପ୍ରତି ଆଦେଶ ଦେବା ସତ୍‌ମାର୍ଗ ଉପରେ ପ୍ରତିପାଦିତ କରିଥାଏ। ଉକ୍ତ ଆୟତ୍‌ଟି ପବିତ୍ର କୁରଆନ୍ କରୀମ୍‌ର ପୂର୍ଣ୍ଣାଙ୍ଗ ହେବାର ସର୍ବୋତ୍କୃଷ୍ଟ ଉଦାହରଣ ଅଟେ । ପୁନଶ୍ଚ ତହିଁରେ ଚରିତ୍ର ପ୍ରସଙ୍ଗର ସମସ୍ତ ସ୍ତରକୁ ଏକତ୍ରିତ କରି ଦିଆଯାଇଛି ଯଦ୍ୱାରାକି ଉକ୍ତ ଆୟତ୍ ପୂର୍ଣ୍ଣାଙ୍ଗ ହୋଇଯାଇଛି ଏବଂ تِبۡیَانًا لِّکُلِّ شَیۡءٍ ର ସର୍ବୋତ୍କୃଷ୍ଟ ଉଦାହରଣ ଅଟେ । ଉକ୍ତ ଆୟତ୍‌କୁ لَعَلَّکُمۡ تَذَکَّرُوۡنَ ଠାରେ ସମାପ୍ତ କରାଯାଇଛି। ଯାହା ذَکَّرَ ର ଅର୍ଥ ରହିଛି ତାହା ହିଁ تَذَکَّرَ ର ଅର୍ଥ ଅଟେ। ସୁତରାଂ ଏହାର ଅର୍ଥ ହେଲା ମନେରଖିବା କିମ୍ବା ଈଶ୍ୱରଙ୍କ ମହାନତା ଗାନ କରିବା ଅଟେ । ସେହିପରି لَعَلَّکُمۡ تَذَکَّرُوۡنَ ଅର୍ଥ ଏହିକି ଯେ, ଅଲ୍ଲାଃତାଲା ତଥା ତାହାଙ୍କ ଭକ୍ତମନାନଙ୍କର ଅଧିକାର ତଥା କର୍ତ୍ତବ୍ୟକୁ ମନେରଖ ଏବଂ ଅଲ୍ଲାଃତାଲାଙ୍କ ପ୍ରଶଂସା ଓ ମହିମା ଗାନ କର। ଯେହେତୁ ଏହି ଦୁଇଟି ଅଭିପ୍ରାୟ ରହିଛି ଯାହାକୁ ପୂରଣ କରିବା ନିମନ୍ତେ ମନୁଷ୍ୟକୁ ସୃଷ୍ଟି କରାଯାଇଛି ତେଣୁ ଉକ୍ତ ଆୟତ୍‌ରେ ଏହି ଶୁଭ ସୂଚନା ପ୍ରଦାନ କରାଯାଇଛି ଯେ, ଉକ୍ତ ଶିକ୍ଷା ଉପରେ ପରିଚାଳିତ ହୋଇ ତୁମେମାନେ ନିଜ ଜନ୍ମର ଅଭିପ୍ରାୟକୁ ପ୍ରାପ୍ତ କରିନେବ । ଦେଖ କିଭଳି ଛୋଟ ଆୟତ୍ ରହିଛି ଏବଂ କିପରି ତହିଁରେ ସେହି ସମସ୍ତ ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଛି ଏବଂ ତହିଁରେ ପବିତ୍ର କୁରଆନ୍ କରୀମ୍‌ର ଶ୍ରେଷ୍ଠତ୍ୱ ସଂପର୍କରେ ଦାବି କରାଯାଇଛି । ଏପରି ସଂକ୍ଷିପ୍ତତା ଏବଂ ଏପରି ବ୍ୟାପକତା ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଗ୍ରନ୍ଥରେ ଦେଖିବାକୁ ମିଳେ ନାହିଁ । ପୁନଶ୍ଚ କୌଣସି କ୍ଲିଷ୍ଟତା ନାହିଁ, କୌଣସି ଗୁପ୍ତ ଓ ଲୁକ୍କାୟିତ କ୍ଲିଷ୍ଟ ପ୍ରହେଳିକା ନାହିଁ ବରଂ ସ୍ୱଚ୍ଛ ବିଷୟବସ୍ତୁ ରହିଛି ।

**(ଅବଶିଷ୍ଟାଂଶ..ପୃ-11ରେ)**

## ଜମାଅତ୍ ଅହମଦିୟା ବ୍ରିଟେନ୍ ଠାରେ 2026 ମସିହା ମେ ମାସ 16ତାରିଖ ଦିନ ଆୟୋଜିତ ହୋଇଥିବା 19ତମ ପିସ୍ ସିମ୍ପୋଜିୟମ୍ (ଶାନ୍ତି ସମ୍ମିଳନୀ) ଅବସରରେ ସେୟେଦିନା ହୁଜୁର୍ ଅନୱର୍ ଅ.ବଙ୍କ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଉଦବୋଧନର ସାରାଂଶ




**☆....ଇସ୍‌ଲାମ୍ ଧର୍ମର ତ' ମୌଳିକ ଶିକ୍ଷା ଏହି ରହିଛି ଯେ, ମନୁଷ୍ୟ ଯାହା ନିଜ ନିମନ୍ତେ ପସନ୍ଦ କରୁଛି ତାହା ଅନ୍ୟମାନଙ୍କ ପାଇଁ ମଧ୍ୟ ପସନ୍ଦ କରୁ । ଏହା ଏପରି ଏକ ସୁବର୍ଣ୍ଣ ନିୟମ ଯେ, ଯଦି ବିଶ୍ୱ ଏହି ନିୟମ ଉପରେ କାର୍ଯ୍ୟକାରୀ କରେ, ତେବେ ବିଶ୍ୱ ପ୍ରକୃତ ଅର୍ଥରେ ଶାନ୍ତିର ଦୋଳି ପାଲଟିଯିବ ।**

**☆....ସମନ୍ୱୟ ଏବଂ ନ୍ୟାୟ ନିମନ୍ତେ ପ୍ରୟାସ କରିବା ହେଉଛି ଜମାଅତ୍ ଅହମଦିୟାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ । ଏଥି ନିମନ୍ତେ ଆମେମାନେ ଅହରହ ଉଦ୍ୟମ କରିଥାଉ ଓ କରୁଛୁ ମଧ୍ୟ । ଏହି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟକୁ ପ୍ରାପ୍ତ କରିବା ନିମନ୍ତେ ଆମେମାନେ ଏହି ଉଦ୍ୟମ ମଧ୍ୟ କରି ଆସିଛୁ ଯେ, ସେ ପଛେ ଅଳ୍ପେ ଲୋକ ହିଁ ହୁଅନ୍ତୁ କିନ୍ତୁ ଆମମାନଙ୍କର ଏହି ସତ୍ୟ ଏବଂ ନ୍ୟାୟମୂଳକ ବାର୍ତ୍ତା ସେମାନଙ୍କ ପର୍ଯ୍ୟନ୍ତ ପହଞ୍ଚୁ । ଏହି ଅଭିପ୍ରାୟ ସକାଶେ ମୁଁ (ହୁଜୁର୍ ଅନ୍‌ୱର୍ ଅ.ବ) ବିଶ୍ୱର ବଡ଼ ବଡ଼ ନେତା ଏବଂ ଧର୍ମଗୁରୁମାନଙ୍କୁ ପତ୍ର ଲେଖିଛି ।**

**☆....ଇସ୍‌ଲାମ୍ ଧର୍ମ କେବଳ ମିତ୍ରମାନଙ୍କର ଅଧିକାରକୁ ବଳବତ୍ତର (ସ୍ଥାପନ ଓ ଅକ୍ଷୁର୍ଣ୍ଣ) ରଖି ନାହିଁ ବରଂ ଶତ୍ରୁମାନଙ୍କର ମଧ୍ୟ ଅଧିକାରକୁ ସ୍ଥାପିତ (ବଳବତ୍ତର) କରିଛି । ଇସ୍‌ଲାମ୍ ଧର୍ମ ନିଜର ଧର୍ମାବଲମ୍ବୀମାନଙ୍କୁ ଉପଦେଶ ଦେଇଛି ଯେ, ଯଦି ତୁମମାନଙ୍କୁ ତାତ୍ତ୍ୱିକପୂର୍ଣ୍ଣ ଏବଂ ବୌଦ୍ଧିକପୂର୍ଣ୍ଣ କଥା ଅନ୍ୟ ଜାତି ଠାରୁ ପ୍ରାପ୍ତ ହୁଏ ତେବେ ସେପରିପ୍ରେକ୍ଷୀରେ ତୁମେମାନେ ତାହାକୁ ଗ୍ରହଣ କରିନିଅ । କାରଣ ତାହା ତୁମମାନଙ୍କର ହଜି ଯାଇଥିବା ସମ୍ପତ୍ତି ଓ ଜିନିଷ ଅଟେ ।**

**☆....ଆଜି ଆମ ସମସ୍ତଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଆମେମାନେ ନିଜର ପରବର୍ତ୍ତୀ ବଂଶଧରମାନଙ୍କ ସକାଶେ ଏକ ଶାନ୍ତିପୂର୍ଣ୍ଣ ସଂସାର ଛାଡ଼ିକି ଯିବୁ ଏବଂ ଏଥି ନିମନ୍ତେ ଆପଣମାନେ ସ୍ୱଉଦ୍ୟମ ମଧ୍ୟ କରନ୍ତୁ । ଅନ୍ୟଥା ପରବର୍ତ୍ତୀ ପିଢୀ ଆମମାନଙ୍କୁ ଦୋଷୀ ଓ ଦାୟୀ କରିବ ଏବଂ ଏହା କହିବେ ଯେ, ତୁମେମାନେ କିଭଳିଆ ବିନାଶ ତଥା ଧ୍ୱଂସ ପ୍ରାପ୍ତ ସଂସାର ଆମମାନଙ୍କ ସକାଶେ ଛାଡ଼ିଛ ।**

ତଉଜ୍ ଏବଂ ବିସମିଲ୍ଲାଃଲ ହିର୍ ରହମାନ୍ ନିର୍ ରହିମ୍ ପରେ ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସମ୍ମାନିତ ଅତିଥିଗଣ ! **ଅସ୍ସଲାମୁ ଅଲୈକୁମ୍ ୱରହମତୁଲ୍ଲାଃହି ୱବରକାତୁହୁ।** ମୁଁ ହୃଦୟର ଅତଳ ଗହ୍ୱରରୁ ଆପଣ ସମସ୍ତ ଅତିଥିମାନଙ୍କର କୃତଜ୍ଞତା ଜ୍ଞାପନ କରୁଛି ଯେ, ଆଜି ଆପଣମାନେ ଆମ ସହିତ ଏହିଶାନ୍ତି ସମ୍ମିଳନୀରେ ସାମିଲ୍ ହୋଇଛନ୍ତି। ଜମାଅତ୍ ଅହମଦିୟା ବିଗତ ଦୁଇ ଦଶନ୍ଧି (20 ବର୍ଷ) ଧରି ପିସ୍ ସିମ୍ପୋଜିୟମ୍‌ର ଆୟୋଜନ କରି ଆସୁଛି ଏବଂ ବର୍ତ୍ତମାନ ସଂସାରର ବିଗିଡୁଥିବା (ବିଶୃଙ୍ଖଳିତ) ପରିସ୍ଥିତିର ପୃଷ୍ଠଭୂମିରେ (ଦୃଷ୍ଟିରେ ରଖି) ଲୋକମାନେ ଏହି ପ୍ରଶ୍ନ କରିଥାଆନ୍ତି ଯେ, ବ୍ୟବହାରିକ ରୂପେ ସେହି ସମସ୍ତ ପ୍ରୟାସରୁ କେଉଁ ଲାଭ ମିଳିଲା ? ନିଃସନ୍ଦେହ ରୂପେ ଏହି ପ୍ରଶ୍ନ ପଚାରିବା ଠିକ୍ ଅଟେ । କିନ୍ତୁ ଆମମାନଙ୍କୁ ତ' ଇସ୍‌ଲାମ୍ ଧର୍ମ ଏହି ଶିକ୍ଷା ପ୍ରଦାନ କରିଛି ଯେ, ଆମେମାନେ ଅହରରହ ଅକ୍ଲାନ୍ତ ଏବଂ ଅବିରକ୍ତ ଉଦ୍ୟମ କରି ଚାଲିବୁ । ତେଣୁ ସଂସାରରେ ସକାରାତ୍ମକ ପରିବର୍ତ୍ତନ ଏବଂ ମନୁଷ୍ୟର ସ୍ଥାୟୀତ୍ୱତା ନିମନ୍ତେ କରାଯାଉଥିବା ପ୍ରୟାସ ଠାରୁ ବଳି ଆଉ କେଉଁ ସର୍ବୋତ୍ତମ ଉଦ୍ୟମ ହୋଇ ପାରିବ ?

ଯଦି ଆମେମାନେ ଯୁଦ୍ଧ, ଉପଦ୍ରବ, ହିଂସା, ଅଶାନ୍ତି, ଅରାଜକତା, ଘୃଣା, ଅନ୍ୟାୟର ଉପଚାର ତଥା ସମାଧାନ ନକରିବୁ ତେବେ ଆମେମାନେ ଧୀରେ ଧୀରେ ସଭ୍ୟତା ଏବଂ ଶିଷ୍ଟାଚାରକୁ ସ୍ୱଚକ୍ଷୁରୁ ଧ୍ୱଂସ ହେଉଥିବାର ଅବଲୋକନ କରିବୁ । ଏହି ବିନାଶର ପ୍ରଭାବ ଏତେ ବିଧ୍ୱଂସକ ହେବ ଯେ, ଅନେକ ପିଢୀ ଏବଂ ବଂଶଧରମାନେ ତହିଁରୁ ପ୍ରଭାବିତ ହେବେ । ଦ୍ୱିତୀୟ ବିଶ୍ୱଯୁଦ୍ଧର ବିନାଶର ବିବରଣୀ ହୃଦୟକୁ ଆନ୍ଦୋଳିତ କରି ପକାଇଥାଏ । କିନ୍ତୁ ଏକଥା ମନେରହୁ ଯେ, ସେତେବେଳେ କେବଳ ଆମେରାକି ହିଁ ଏକମାତ୍ର ରାଷ୍ଟ୍ର ଯାହା ପାଖରେ ଅଣବିକ ପରମାଣ ଅସ୍ତ୍ର ରହିଥିଲା । କିନ୍ତୁ ଆଜି ଏପରି ଅନେକ ରାଷ୍ଟ୍ରମାନେ ଅଛନ୍ତି ଯେଉଁମାନଙ୍କ ପାଖରେ ପରମାଣୁ ଅସ୍ତ୍ର ସେହି କାଳର ପରମାଣୁ ଅସ୍ତ୍ର ଠାରୁ ବି ଅଧିକ ଶକ୍ତିଶାଳୀ, ଘାତକ, ଭୟଙ୍କର ଓ ବିନାଶକାରୀ ଅଟେ ।

ଆଜି ମୁଁ ଆପଣମାନଙ୍କ ସମ୍ମୁଖରେ କେତେକ ଗବେଷକ ଓ ପର୍ଯ୍ୟବେକ୍ଷକଙ୍କ ବିଶ୍ଳେଷଣ ଉପସ୍ଥାପିତ କରିବି, ଯାହା ଆପଣମାନଙ୍କୁ ଏକ ଧାରଣା ପ୍ରଦାନ କରିବ ଯେ, ଆଗକୁ ଆସୁଥିବା ବିନାଶ କେତେ ବିପଦପୂର୍ଣ୍ଣ ଓ ଭୟଙ୍କର ହୋଇପାରେ । ଏହି ବିନାଶକାରୀ ଅସ୍ତ୍ରଶସ୍ତ୍ରର ବ୍ୟବହାର ପ୍ରକୃତ ପକ୍ଷେ ଆମମାନଙ୍କର ନିଜ ସନ୍ତାନ ଓ ଭବିଷ୍ୟତ ପିଢୀ ନିମନ୍ତେ ଯୁଦ୍ଧ ସହିତ ସମାନ ଅଟେ ।

ଆୟରଲ୍ୟାଣ୍ଡ୍‌ର ରାଷ୍ଟ୍ରପତ୍ତି ମାଇକେଲ୍ ହେଗସ୍ ଚେତାବନୀ ଦେଇଛନ୍ତି ଯେ, ଆମେମାନେ ଏପରି ଏକ ଯୁଗରେ ପ୍ରବେଶ କରିଛୁ ଯେଉଁଠାରେ ଯୁଦ୍ଧ ହେଉଛି ଏକ ଧମକପୂର୍ଣ୍ଣ ଯୁଗ, ଯେଉଁ ଯୁଗରେ କୂଟନୈତିକ ପ୍ରୟାସ ଏବଂ ବୁଝାମଣା ବଦଳରେ ବିକ୍ଷିପ୍ତତା, ବିଶୃଙ୍ଖଳା, ଉତ୍ତେଜନା ଏବଂ ରକ୍ତପାତ କରିବା ପାଇଁ ଅନ୍ୟକୁ ପ୍ରୋତ୍ସାହିତ କରାଯାଉଛି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ଲୋଭାକିୟାର ପ୍ରଧାନମନ୍ତ୍ରୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଆଜି ପ୍ରତ୍ୟେକ ବ୍ୟକ୍ତି ନିର୍ଭୀକ ଭାବରେ ନିଜର କଥାବାର୍ତ୍ତା, ଅସ୍ତ୍ରଶସ୍ତ୍ର ଏବଂ ବିନାଶକାରୀ ଯୁଦ୍ଧର ଚର୍ଚ୍ଚାକାରୀ ରୂପେ ଦୃଶ୍ୟମାନ ହେଉଛି । ଯଦ୍ୱାରାକି ଅଶାନ୍ତି, ବିଶୃଙ୍ଖଳା ଓ ଅରାଜକତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଇସ୍‌ଲାମ୍ ଧର୍ମର ତ' ଏହି ମୌଳିକ ଶିକ୍ଷା ରହିଛି ଯେ, ମନୁଷ୍ୟ ଯାହା ନିଜ ନିମନ୍ତେ ପସନ୍ଦ କରୁଛି ତାହା ଅନ୍ୟମାନଙ୍କ ପାଇଁ ମଧ୍ୟ ପସନ୍ଦ କରୁ । ଏହା ଏପରି **(ଅବଶିଷ୍ଟାଂଶ.....ପୃ-10ରେ)**

## (ଖୁତ୍‌ବା ଜୁମା)

### ଆଁହଜରତ୍ ସ.ଅଙ୍କ ସଚ୍ଚରିତ୍ରତା, ସତ୍ୟତା ଓ ସତ୍ୟବାଦୀତା ସଂପର୍କରେ ଆଁହଜର୍ତ ସ.ଅଙ୍କର ପବିତ୍ର ଜୀବନର ବିଶ୍ୱାସବର୍ଦ୍ଧ ଚର୍ଚ୍ଚା ।

**ହ. ମସିହ୍ ମଉଦ୍ ଅ.ସଙ୍କ ନାତୁଣୀ, ହ. ନୱାବ୍ ଅବଦୁଲ୍ଲାଃ ଖାନ୍ ସାହେବ ର. ଏବଂ ହ. ସାହିବଜାଦି ନୱାବ୍ ଅମତୁଲ୍ ହଫିଜ୍ ବେଗମ ସାହେବା ର.ଅଙ୍କ କନ୍ୟା ତଥା ମିର୍ଜା ନସିମ୍ ଅହମଦ ସାହେବଙ୍କ ପତ୍ନି ଶ୍ରୀମତୀ ମହୋଦୟା ଶାହିଦା ଅମହଦ ସାହେବାଙ୍କ ବିୟୋଗ, ଉତ୍ତମ ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ।**

**ବେଳେବେଳେ ଲୋକମାନଙ୍କର ଏପରି ପୁଣ୍ୟ କର୍ମ ଥାଏ ଯେ, ତାହା ପ୍ରାୟତଃ ଲୁଚି ରହିଥାଏ । କିନ୍ତୁ ଯେଉଁ ଲୋକମାନଙ୍କ ସହିତ ପୁଣ୍ୟ କର୍ମ କରାଯାଇଥିବ ପରବର୍ତ୍ତୀ ସମୟରେ ସେମାନଙ୍କ ଠାରୁ ଜଣା ପଡ଼ିଥାଏ ଯେ, ସ୍ୱର୍ଗତା ମହୋଦୟା ମଧ୍ୟ ସେହି ପୁଣ୍ୟ କର୍ମ ସମ୍ପାଦନକାରୀଙ୍କ ମଧ୍ୟରୁ ଅନ୍ୟତମ ଥିଲେ ।**

**ଖୁତ୍‌ବା ଜୁମା 17 April 2026 ମସିହା ଅନୁଯାୟୀ ୧୭ ଶାହାଦତ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُولُهٗ. أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ନିମ୍ନ ଆୟତର ଆବୃତ୍ତି କଲେ, قُلْ لَّوْ شَآءَ اللّٰهُ مَا تَلَوْتُهٗ عَلَيْكُمْ وَلَاۤ اَدْرٰىكُمْ بِهٖ فَقَدْ لَبِثْتُ فِيْكُمْ عُمُرًا مِّنْ قَبْلِهٖ اَفَلَا تَعْقِلُوْنَ. فَمَنْ اَظْلَمُ مِمَّنِ افْتَرٰى عَلَى اللّٰهِ كَذِبًا اَوْ كَذَّبَ بِاٰيٰتِهٖ اِنَّهٗ لَا يُفْلِحُ الْمُجْرِمُوْنَ. **(ୟୁନୁସ୍; 17-18)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଉପରୋକ୍ତ ଆୟତ୍‌ର ଅନୁବାଦ ଏହିପରି ଯେ, ତୁମ୍ଭେ ସେମାନଙ୍କୁ କୁହ, ଯଦି କୁରଆନ୍‌ର ଶିକ୍ଷା ପରିବର୍ତ୍ତେ ଅନ୍ୟ କୌଣସି ଶିକ୍ଷା ପ୍ରଦାନ କରିବା ଅଲ୍ଲାଃତାଲାଙ୍କର ଇଚ୍ଛା ଥାଆନ୍ତା ତେବେ ଆମ୍ଭେ ଏହାକୁ ଅର୍ଥାତ୍ କୁରଆନ୍‌ର ଶିକ୍ଷାକୁ ତୁମମାନଙ୍କୁ ଏହା ସହିତ ଅବଗତ କରାଇ ନଥାଆନ୍ତୁ । ବସ୍ତୁତଃ ଆମ୍ଭେ ଏଥି ପୂର୍ବରୁ ତୁମମାନଙ୍କ ସହିତ ଜୀବନର ଏକ ଦୀର୍ଘ ସମୟ ଅତିବାହିତ କରିଅଛୁ । ତଥାପି କ'ଣ ତୁମେମାନେ ବୁଝିପାରୁ ନାହଁ ? ସୁତରାଂ ଯେ ଅଲ୍ଲାଃଙ୍କ ପ୍ରତି ମିଥ୍ୟା ଆରୋପ କରେ ବା ତାହାଙ୍କର ନିଦର୍ଶନଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି, ତା' ଠାରୁ ଅଧିକ ଅତ୍ୟାଚାରୀ ଆଉ କିଏ ବା ହୋଇପାରେ ! ଏହା ନିଶ୍ଚିତ ଯେ, ଅପରାଧୀମାନେ କୃତକାର୍ଯ୍ୟ ହୁଅନ୍ତି ନାହିଁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ନିଜ ପ୍ରିୟ ମୁନିବଙ୍କ ଆଜ୍ଞାବହତ୍ୱରେ ପୁଣ୍ୟଶ୍ଳୋକୋ ହ. ମସିହ୍ ମଉଦ୍ ଅ.ସଙ୍କ ଏକେଶ୍ୱରବାଦ ସ୍ଥାପନ ନିମନ୍ତେ ଉଦ୍ୟମ, ଆପଣ ଅ.ସଙ୍କ ବ୍ୟବହାରିକ ଉଦାହରଣ ଏବଂ ନିଜର ଅନୁଗାମୀମାନଙ୍କୁ ଉପଦେଶ ଦେବା ଓ କିଭଳି ସେମାନଙ୍କର ସଂସ୍କାର ଆପଣ ଅ.ସ କରୁଥିଲେ ? ଏହାର କେତେକ ଘଟଣାବଳୀ ମୁଁ ଉପସ୍ଥାପିତ କରିବି । ଆପଣ ସ.ଅଙ୍କ ଜୀବନୀର ଘଟଣାବଳୀରେ ଆପଣ ସ.ଅଙ୍କ ସତ୍ୟତାର ଘଟଣାବଳୀର ସର୍ବୋଚ୍ଚ ଉଦାହରଣ ଦେଖିବାକୁ ମିଳିଥାଏ। ଅର୍ଥାତ୍ ଶତ୍ରୁମାନେ ମଧ୍ୟ ଆପଣ ସ.ଅଙ୍କ ସତ କହିବା ତଥା ସତ୍ୟତାର ସର୍ବୋଚ୍ଚ ସ୍ତରର ସ୍ୱୀକାରୋକ୍ତି ପ୍ରକାଶ କରି ରହି ପାରିବ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅଙ୍କ ସତ୍ୟତାର ସେହି ସ୍ତରକୁ ଅଲ୍ଲାଃତାଲା ପବିତ୍ର କରୁଆନ୍ କରୀମ୍‌ରେ ବର୍ଣ୍ଣନା କରିଛନ୍ତି ଯାହାକୁ ମୁଁ ତିଲାୱତ୍ କରିଛି ଏବଂ ଏହି ଘୋଷଣା ଆପଣ ଅ.ସଙ୍କ ଦ୍ୱାରା ଅଲ୍ଲାଃତାଲା କରାଇଲେ ଯେ, ହେ ମୁହମ୍ମଦ୍ ତୁମ୍ଭେ କୁହ ଯେ, ତୁମ୍ଭେ କୌଣସି ସ୍ଥିତିରେ ବି ମିଛ କହିବ ନାହଁ । ତୁମ୍ଭେ ସତ୍ୟତାକୁ କେବେ ବି ପରିତ୍ୟାଗ କରିବ ନାହଁ ଓ ତୁମ୍ଭେମାନେ (ସାହାବା ଓ କୁରୈଶ୍‌ମାନେ) ଉକ୍ତ କଥାର ସାକ୍ଷ୍ୟ ଅଟ । ତେବେ କ'ଣ ମୁଁ ଈଶ୍ୱରଙ୍କ ଉପରେ ମିଥ୍ୟାରଚନା କରି ପାରିବି ଯେ, ମୁଁ ଏପରି ଏକ ଧର୍ମ ଘିନି ଆଣିବି ଯେଉଁ ଧର୍ମ ଈଶ୍ୱରଙ୍କ ତରଫରୁ ନୁହେଁ । ଏହା କଦାପି ହୋଇପାରିବ ନାହିଁ । ତତ୍‌ସହିତ ଆପଣ ସ.ଅ ନିଜର ଅନୁଗାମୀମାନଙ୍କୁ ମଧ୍ୟ ଏଥି ନିମନ୍ତେ ଅନୁପ୍ରାଣିତ କରିଛନ୍ତି ଯେ, ହେ ଅନୁଗାମୀମାନେ ! ତୁମେମାନେ ବର୍ତ୍ତମାନ ମୋର ଆଜ୍ଞାବହତ୍ୱକୁ ଚାଲି ଆସିଛ, ମୋର ଆଜ୍ଞା ପାଳନ କରିବାର ଅଙ୍ଗୀକାର କରିଛ, ତେବେ ସତ୍ୟତାର ସର୍ବୋଚ୍ଚ ଉଦାହରଣ ଏବଂ ସ୍ତର ସ୍ଥାପିତ କର । ଅତଏବ୍ ଆଜି ଆମେମାନେ ସମସ୍ତଙ୍କୁ ଏଥି ସଂକ୍ରାନ୍ତରେ ନିଜ ନିଜର ସମୀକ୍ଷା କରିବାର ଆବଶ୍ୟକତା ରହିଛି ଯେ, ଏହି ସତ୍ୟତାର ସର୍ବୋଚ୍ଚ ଉଦାହରଣ ହିଁ ଆମମାନଙ୍କର ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ସଫଳତାର ପ୍ରତିଭୂ ଅଟେ ଏବଂ ଆମମାନଙ୍କ ନିମନ୍ତେ ତବ୍‌ଲିଗ୍‌ର (ପ୍ରଚାରର) ମାର୍ଗ ଉନ୍ମୁକ୍ତକାରୀ ମଧ୍ୟ ଅଟେ ।

ରସୁଲୁଲ୍ଲାଃ ସ.ଅଙ୍କ ପବିତ୍ର ଜୀବନର ଚର୍ଚ୍ଚା କରି ହ. ମୁସ୍‌ଲେହ୍ ମଉଦ୍ ର.ଅ ନିଜ ଖୁତ୍‌ବାର ଏକ ସ୍ଥାନରେ ଉଲ୍ଲେଖ କରିଛନ୍ତି ଯେ, "ଆମେମାନେ ରସୁଲୁଲ୍ଲାଃ ସ.ଅଙ୍କ ସଂପର୍କରେ ଦେଖୁ ଯେ, ଆପଣ ସ.ଅଙ୍କ ଶତ୍ରୁମାନେ ଏହା ସ୍ୱୀକାର କରିଛନ୍ତି ଯେ, ଆପଣ ସ.ଅ ସତ୍ୟବାଦୀ ଏବଂ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ଆପଣ ସ.ଅଙ୍କ ଉପରେ ସେମାନେ କୌଣସି ଆରୋପ ଲଗାଇ ପାରିଲେ ନାହିଁ । ବରଂ ଶତ୍ରୁରୁ ଶତ୍ରୁ ମଧ୍ୟ ଆପଣ ସ.ଅଙ୍କ ପବିତ୍ରତା ଏବଂ ନିର୍ମଳତାର ସାକ୍ଷ୍ୟ ପ୍ରଦାନ କଲା ।" ସୁତରାଂ ମକ୍କାର ଏକ ସଭାର ଆୟୋଜନ ହେଲା ଏବଂ ଅବିଶ୍ୱାସକାରୀମାନେ ପରସ୍ପର ମଧ୍ୟରେ ଏହି ଚର୍ଚ୍ଚା କଲେ ଯେ, ଯେତେବେଳେ ଲୋକମାନେ ମକ୍କାକୁ ଆସିବେ ଏବଂ ମୁହମ୍ମଦ ସ.ଅଙ୍କ ସଂପର୍କରେ ପଚାରିବେ ସେତେବେଳେ ସେମାନଙ୍କୁ କେଉଁ ଉତ୍ତର ଦିଆଯିବ । ସମସ୍ତେ ମିଶି ଗୋଟିଏ ଉତ୍ତର ଦେବ । କାରଣ ମତପାର୍ଥକ୍ୟ ଯେପରି ନହେଉ । ଆମେମାନେ ପୂର୍ବରୁ ହିଁ ବଦ୍‌ନାମ ହୋଇ ସାରିଛେ ଯେ, ଜଣେ ବ୍ୟକ୍ତି ଗୋଟିଏ କଥା କହୁଛି ତ' ଆଉ ଜଣେ ଅନ୍ୟ ଏକ କଥା କହୁଛି । ତେଣୁ ହଜ୍ ପାଇଁ ଯେଉଁ ଲୋକମାନେ ଆସିବେ ସେମାନଙ୍କୁ କହିବା ନିମନ୍ତେ ଗୋଟିଏ କଥା ସ୍ଥିର କରି ନିଷ୍ପତ୍ତି ନିଅ । ପ୍ରତ୍ୟୁତ୍ତରରେ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି କହିଲା, ଏପରି କହିବା କି ମୁହମ୍ମଦ ସ.ଅ ଯାହା କହୁଛି ତାହାର ଏଇଟା ମିଛ କହିବାର ଅଭ୍ୟାସ ଅଟେ। ସେ ଯାହା କହୁଛି ସବୁ ମିଛ ଅଟେ । ଏକଥା ଶୁଣି ନଜର୍ ବିନ୍ ହାରିସ୍ ନାମକ ଜଣେ ବ୍ୟକ୍ତି ଥିଲା ସେ ଛିଡ଼ା ହେଲା ଏବଂ କହିଲା, ଏପରି କଥା କହିବା ଉଚିତ୍ ନୁହଁ । ଯଦି ତୁମେମାନେ ଏକଥା କହିବ ତେବେ ତୁମ କଥାକୁ କେହି ବି ବିଶ୍ୱାସ କରିବ ନାହିଁ ଏବଂ ଲୋକମାନେ ପ୍ରତ୍ୟୁତ୍ତରରେ କହିବେ ଯେ...... ମୁହମ୍ମଦ ସ.ଅ ତୁମମାନଙ୍କ ମଧ୍ୟରେ ନିଜର ତରୁଣ ଯୁବ ବୟସକୁ ଅତିବାହିତ କରିଛନ୍ତି ଏବଂ ବର୍ତ୍ତମାନ ସେ ତୁମମାନଙ୍କ ଅପେକ୍ଷା ସର୍ବାଧିକ ପୁଣ୍ୟବାନ୍, ସାଧୁ ଓ ସର୍ବାଧିକ ସତ୍ୟବାଦୀ, ସର୍ବାଧିକ ନ୍ୟାସ ରକ୍ଷକ ଓ ନ୍ୟାସ ନିୟମାନୁବର୍ତ୍ତୀ ବ୍ୟକ୍ତି ରୂପେ ପରିଚିତ ଅଟନ୍ତି । ଏପର୍ଯ୍ୟନ୍ତକି ଯେତେବେଳେ ତା' କାନ ମୁଣ୍ଡାରେ ଧଳା କେଶ ଆସିଗଲା ଏବଂ ସେ ତୁମମାନଙ୍କ ପାଖକୁ ସେହି ଶିକ୍ଷା ଘିନି ଆଣିଲା ଅର୍ଥାତ୍ ଇସ୍‌ଲାମ୍ ଧର୍ମର ଶିକ୍ଷା, ସେତେବେଳେ ତୁମେମାନେ ଏହା କହିବାକୁ ଲାଗିଲ ଯେ, ସେ ମିଥ୍ୟାବାଦୀ ଅଟେ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଏସବୁ ପରିସ୍ଥିତିରେ ସେ ଅର୍ଥାତ୍ ମୁହମ୍ମଦ୍ ସ.ଅ ମିଥ୍ୟାବାଦୀ ହୋଇପାରିବ ନାହିଁ । ସୁତରାଂ ସେହି ବ୍ୟକ୍ତିର ଏହି ଉତ୍ତରକୁ ଶୁଣି ସମସ୍ତେ ନିଜର ଦୋଷକୁ ସ୍ୱୀକାର କରିନେଲେ ଏବଂ ଏହି ଆପତ୍ତି କରିବା ବଦଳରେ ଅନ୍ୟ କଥା ଭାବିବାକୁ ଲାଗିଲେ । ସେହି ବ୍ୟକ୍ତି କେଡ଼େ ସତ୍ୟ କଥା ଉପସ୍ଥାପିତ କଲା । ଯଦି ପୂର୍ବେ ସେମାନେ ରସୁଲ୍ କରୀମ୍ ସ.ଅଙ୍କ ଆଡ଼କୁ ମିଥ୍ୟା ଇଙ୍ଗିତ କରିଥାଆନ୍ତେ ତେବେ ବର୍ତ୍ତମାନ କୌଣସି ବ୍ୟକ୍ତି ସ୍ୱୀକାର କରିପାରିଥାଆନ୍ତେ ଯେ, ହଁ ମୁହମ୍ମଦ୍ ସ.ଅ ନାଉଜୁବିଲ୍ଲାଃ ମିଥ୍ୟାଦବାଦୀ ଅଟନ୍ତି । କିନ୍ତୁ ଯେତେବେଳେ ସେମାନେ ସମଗ୍ର ଜୀବନ ଆପଣ ସ.ଅଙ୍କୁ ସତ୍ୟବାଦୀ ବୋଲି କହୁଥିଲେ ସେତେବେଳେ ସହସା ମିଥ୍ୟା ଲାଞ୍ଛନକୁ କିଏ ସତ ବୋଲି ଗ୍ରହଣ କରିପାରିବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହିର୍କଲ୍ ଯେତେବେଳେ ଅବୁ ସୁଫିୟାନ୍‌କୁ ରସୁଲୁଲ୍ଲାଃ ସ.ଅଙ୍କ ସଂପର୍କରେ ପଚାରିଲା ଯେ, ହେ ଅବୁ ସୁଫିୟାନ୍ ! ମୁହମ୍ମଦ୍ ସ.ଅ କେବେ ମିଛ କହିଛନ୍ତି କି ? ଅବୁ ସୁଫିୟାନ୍ କହିଲା, ଆଜି ପର୍ଯ୍ୟନ୍ତ ମୁହମ୍ମଦ ସ.ଅ ମିଛ କହି ନାହାନ୍ତି । ଅବୁ ସୁଫିୟାନ୍ ଆଜି ପର୍ଯ୍ୟନ୍ତ ଶବ୍ଦ ଏଇଥି ପାଇଁ ପ୍ରୟୋଗ କଲା ଯେ, ହିର୍କଲ ମନରେ ଆଶଙ୍କା ଓ ସନ୍ଦେହ ସୃଷ୍ଟି ହେଉ । ଆଗକୁ ମୁହମ୍ମଦ୍ ସ.ଅ ମିଛ କହି ପାରନ୍ତି । ହୁଜୁର୍ ଅନୱର୍ ଅ.ବ କହିଲେ, ସେହିପରି ଏକଦା ରସୁଲ୍ କରୀମ୍ ସ.ଅ ପର୍ବତ ଉପରେ ଚଢିଯାଇ ଲୋକମାନଙ୍କୁ ଡାକିଲେ । ପୂର୍ବେ ମୁଁ ଏହି ଘଟଣାଟିକୁ ଖୁତ୍‌ବାରେ ବର୍ଣ୍ଣନା କରି ସାରିଛି ଏବଂ ବର୍ତ୍ତମାନ ଏହା ଆପଣ ସ.ଅଙ୍କ ସତ୍ୟତା ସଂପର୍କରେ ଘଟଣା ରହିଛି । ଅତଏବ୍ ଯେତେବେଳେ ଲୋକମାନେ ସମସ୍ତେ ଏକତ୍ରିତ ହୋଇଗଲେ ସେତେବେଳେ ଆପଣ ସ.ଅ କହିଲେ, ହେ ଲୋକମାନେ ଯଦି ମୁଁ ତୁମମାନଙ୍କୁ ଏକଥା କହିବି ଯେ, ଅମକ ପର୍ବତ ଉପତ୍ୟକାରେ ଏକ ସୈନ୍ୟବାହିନୀ ଏକତ୍ରିତ ହୋଇଛି, ସେହି ସୈନ୍ୟବାହିନୀ ତୁମମାନଙ୍କ ଉପରେ ଆକ୍ରମଣ କରିବ, ତାହାହେଲେ ତୁମେମାନେ ମୋ କଥାକୁ ବିଶ୍ୱାସ କରିନେବ ? ସେମାନେ କହିଲେ, ହେ ମୁହମ୍ମଦ୍ ସ.ଅ ! ହଁ ଆମେମାନେ ତୁମ କଥାକୁ ବିଶ୍ୱାସ କରିନେବୁ । କିନ୍ତୁ ମକ୍କାବାସୀଙ୍କ ଅବଚେତନାବସ୍ଥା ମଧ୍ୟ ଏପରି ଯେ, ସୈନ୍ୟବାହିନୀ, ଏତେ ପାଖରେ ଏକତ୍ରିତ ହୋଇପାରିବ ନାହିଁ । ଅତଏବ୍ ସେହି ଲୋକମାନଙ୍କର ଏହି ପ୍ରକାରର କଥା ମଧ୍ୟ ପ୍ରକାଶ୍ୟ ରୂପେ ଅସମ୍ଭବ ଘଟଣ ହୋଇପାରିବ । ଅର୍ଥାତ୍ ଘଟିବା ସମ୍ଭବପର ହୋଇପାରିବା ନାହିଁ । କିନ୍ତୁ ଆପଣ ସ.ଅଙ୍କ ତୁଣ୍ଡରୁ ଶୁଣି ସ୍ୱୀକାର କରିବା ନିମନ୍ତେ ପ୍ରସ୍ତୁତ ହୋଇଯିବା ଏହା ସୂଚାଏ ଯେ, ଆପଣ ସ.ଅଙ୍କ ସତ୍ୟତା ଉପରେ ସେହି ଲୋକମାନଙ୍କୁ ଏପରି ବିଶ୍ୱାସ ଥିଲା ଯେ, ସେମାନେ ଏହାକୁ ଅସମ୍ଭବ ବୋଲି ମନେକରୁ ନଥିଲେ । ଅର୍ଥାତ୍ ଆପଣ ସ.ଅ କେବେ ମିଛ କହି ପାରିବେ ନାହିଁ ଓ କେବେ ବି ଧୋକା ଦେଇପାରିବେ ନାହିଁ ।"

**(ହସ୍ତି ବାରି ତାଆଲା, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-6, ପୃ-309-310)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ମୁସ୍‌ଲେହ୍ ମଉଦ୍ ର.ଅ ଏଥି ସଂକ୍ରାନ୍ତରେ ଅତିରିକ୍ତ ଚର୍ଚ୍ଚା କରି କୁହନ୍ତି ଯେ, ଆଁହଜରତ୍ ସ.ଅଙ୍କର ଏପରି କେଉଁ ପ୍ରସଙ୍ଗ ରହିଥିଲା ଯାହା ଶତ୍ରୁମାନଙ୍କ ଉପରେ ପ୍ରଭାବ ପକାଉଥିଲା ? ସେମାନେ ପ୍ରାରମ୍ଭରେ ପବିତ୍ର କୁରଆନ୍ କୀରମରୁ ପ୍ରଭାବିତ ହେଲେ ନାହିଁ । ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ତ' ସେମାନଙ୍କୁ ପ୍ରଭାବିତ କରିପାରିଲା ନାହିଁ । ସେହି ଶିକ୍ଷା ଆପଣ ସ.ଅଙ୍କ ଆପଣ

ସ.ଅଙ୍କ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିଥିବା ଲୋକମାନଙ୍କ ନିମନ୍ତେ କିମ୍ବା ଆପଣ ସ.ଅଙ୍କ ବୈଅତ୍‌ରେ ଆସିବା ନିମନ୍ତେ ମାଧମ ହୋଇପାରିଥାଆନ୍ତା । ତାହା ନୁହେଁ ବରଂ ତାହା ମୁହମ୍ମଦ୍ ସ.ଅଙ୍କ ପୂର୍ବ ଜୀବନ ଥିଲା । ଆପଣ ସ.ଅ ସେମାନଙ୍କ ମଧ୍ୟରେ ରହିଥିଲେ । ଆପଣ ସ.ଅଙ୍କ ବିଶ୍ୱସ୍ତତା, ଆପଣ ସ.ଅଙ୍କ ସତ୍ୟବାଦୀତା ଏବଂ ମାନବଜାତି ପ୍ରତି ସହାନୁଭୂତି ଓ ବଳିଦାନ ହିଁ ଥିଲା ଯାହା ସେମାନଙ୍କ ଉପରେ ପ୍ରଭାବ ପକାଇ ପାରିଥାଆନ୍ତା । ଦାବି ପୂର୍ବରୁ ଆପଣ ସ.ଅ ସେମାନଙ୍କୁ ଶିର୍କ କରିବାକୁ ବାରଣ କରୁଥିଲେ । କାରଣ ଈଶ୍ୱରଙ୍କ ତରଫରୁ ଆଦେଶ ନଥିଲା । କିନ୍ତୁ ଆପଣ ସ.ଅ ସ୍ୱୟଂ ମୁଶରିକ୍ ନଥିଲେ । କିନ୍ତୁ ଆପଣ ସ.ଅଙ୍କ ଚାଲି ଚଳଣ ତଥା ଆଚାରା ବ୍ୟବହାରର ଏବି ବିଶେଷତା ରହିଥିଲା ଯେ, ତାହାର ପ୍ରଭାବ ଭିତରେ ଭିତରେ ହିଁ ପକାଉଥିଲା । ଅର୍ଥାତ୍ ଆପଣ ସ.ଅଙ୍କ ଉତ୍ତମ ଚରିତ୍ର ଅନ୍ୟ ଲୋକମାନଙ୍କୁ ପ୍ରଭାବିତ କରୁଥିଲା । ଏହାର ବିପରୀତରେ ସେମାନେ ଆଖି ଉପରକୁ ଉଠାଇପାରୁ ନଥିଲେ । ଯେପିରିକି ମୁଁ ପୂର୍ବେ ଘଟଣାରେ ବର୍ଣ୍ଣନା କରିଛି ଯେ, ମକ୍କାର ପର୍ବତ ଉପରେ ଚଢି ଆପଣ ସ.ଅ ଯେତେବେଳେ ଲୋକମାନଙ୍କୁ ଡାକିଲେ ଏବଂ କହିଲେ, ହେ ମକ୍କାବାସୀ! ମୁଁ ଯଦି ଏହା କୁହେ କି ମକ୍କାର ପର୍ବତ ପଛ ପଟେ ଏକ ସୈନ୍ୟବାହିନୀ ତୁମମାନଙ୍କ ଉପରେ ଆକ୍ରମଣ କରିବା ନିମନ୍ତେ ଲୁଚିଛି, ତେବେ କ'ଣ ତୁମେମାନେ ମୋ କଥା ଉପରେ ବିଶ୍ୱାସ କରିବ କି ? ମକ୍କାବାସୀମାନେ କହିଲେ, ହେ ମୁହମ୍ମଦ୍ ସ.ଅ ! ହଁ ଆମେମାନେ ତୁମ କଥା ଉପରେ ବିଶ୍ୱାସ କରିନେବୁ । କାରଣ ଆମେମାନେ ଆପଣଙ୍କୁ କେବେ ବି ମିଛ କହୁଥିବାର ଦେଖି ନାହୁଁ କି ଶୁଣି ମଧ୍ୟ ନାହୁଁ । ତୁମ୍ଭେ ସର୍ବଦା ବିଶ୍ୱସ୍ତ ରହିଛ, ସର୍ବଦା ସତ କହିଛ । ତେଣୁ ଆମେମାନେ ତୁମ କଥାକୁ ସ୍ୱୀକାର କରିନେବୁ। ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ଆଛା ଯଦି କଥାଟା ଏହିପରି ତେବେ ମୁଁ ପୁନଶ୍ଚ ଆଉ ଏକ ସତ୍ୟ କଥା ତୁମକୁ କହି ଦେଉଛି । ତାହା ଏହିକି ଯେ, ଈଶ୍ୱର ଏକ ଅଟନ୍ତି ଏବଂ ଶିର୍କ କରିବା ଅତ୍ୟନ୍ତ ଘୃଣ୍ୟ ପ୍ରସଙ୍ଗ ଅଟେ । ହେ ମକ୍କାବାସୀମାନେ ! ତୁମେମାମାନେ ଏକ ଈଶ୍ୱରଙ୍କ ଉପାସନା କର, ଶିର୍କକୁ ପରିତ୍ୟାଗ (ଛାଡ଼ିଦିଅ) କରିଦିଅ । ଅନ୍ୟଥା ତୁମମାନଙ୍କ ଉପରେ ପ୍ରଭୁଙ୍କ ଶାସ୍ତି ଅବତୀର୍ଣ୍ଣ ହେବ । ଉକ୍ତ କଥା ସେମାନଙ୍କ ଉପରେ ପ୍ରଭାବ ପକାଇଲା ନାହିଁ ବରଂ ଆପଣ ସ.ଅଙ୍କ ପବିତ୍ର ଜୀବନ ହିଁ ସେମାନଙ୍କ ଉପରେ ପ୍ରଭାବ ପକାଇ ପାରିଥିଲା । ଆପଣ ସ.ଅଙ୍କ କୃତ୍ୟ ଏବଂ ଆପଣ ସ.ଅଙ୍କ ସତ୍ୟବାଦୀତା, ସତ୍ୟନିଷ୍ଠତା, ଆପଣ ସ.ଅଙ୍କ ପୁଣ୍ୟ ସେମାନଙ୍କ ଉପରେ ପ୍ରଭାବ ପକାଇଥିଲା। କିନ୍ତୁ ଯେତେବେଳେ ଆପଣ ସ.ଅ ଏହି ଦାବି ଉପସ୍ଥାପନ କଲେ ସେତେବେଳେ ସେମାନଙ୍କ ଉପରେ କୌଣସି ପ୍ରଭାବ ପଡ଼ିଲା ନାହିଁ ଏବଂ ସେମାନେ ଆପଣ ସ.ଅଙ୍କ କଥା ସ୍ୱୀକାର କରିବାକୁ ଅସ୍ୱୀକାର କରିଦେଲେ । ଅତଏବ୍ ପ୍ରକୃତ ପ୍ରସଙ୍ଗ ହେଉଛି ମନୁଷ୍ୟର ସର୍ବୋଚ୍ଚ ଚାରିତ୍ରିକ ଆଦର୍ଶ । ବ୍ୟକ୍ତିର ଆଚରଣ ଏପରି ହେବା ଉଚିତ୍ ଯେ, ତାହା (ଅର୍ଥାତ୍ ବ୍ୟକ୍ତିର ଚରିତ୍ର) ଅନ୍ୟ ଲୋକମାନଙ୍କୁ ପ୍ରଭାବିତ କରିପାରିବା। ଯେତେବେଳେ ଏପରି ହେବ ସେତେବେଳେ କୌଣସି ନା କୌଣସି ସମୟରେ ଅଲ୍ଲାଃତାଲା ଏପରି ସାଧନ ସୃଷ୍ଟି କରିଦେବେ ଯେ, ତବଲିଗ୍ (ପ୍ରଚାର)ର ବାଟ ଫିଟି ଯିବ ଏବଂ ଯେଉଁ ଲୋକମାନେ ବିରୋଧୀ ଥାଆନ୍ତି ସେହିମାନେ ହିଁ ଇସଲାମ୍ ଧର୍ମକୁ ଆଲିଙ୍ଗନ କରିବାକୁ ଲାଗନ୍ତି । ସେହି ଲୋକମାନେ ପ୍ରକୃତ ଇସଲାମ୍‌କୁ ମଧ୍ୟ ଜାଣିବାକୁ ଲାଗନ୍ତି। **(ଖୁତ୍‌ବାତେ ମେହ୍‌ମୁଦ୍, ଗ୍ରନ୍ଥଖଣ୍ଡ-7, ପୃ-374-375ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଅଲ୍ଲାଃତାଲା ଆମମାନଙ୍କ ପ୍ରିୟ ମୁନିବ ଶେଷ ଯୁଗର ଅବତାର ଯେକି ଧର୍ମପରାୟଣ ବ୍ୟକ୍ତିମାନଙ୍କର ଅଧିପତି ଥିଲେ ତାହାଙ୍କୁ ନାନା ପ୍ରକାରର ସାହାଯ୍ୟ ଓ ସମର୍ଥନ ଦ୍ୱାରା ସାଫଲ୍ୟମଣ୍ଡିତ କଲେ । ଅର୍ଥାତ୍ ପ୍ରାରମ୍ଭରେ ହ. ମୁସା ଅ.ସ ଏବଂ ହ. ଇସା ଅ.ସଙ୍କ ପରି ପ୍ରବାସର କଳଙ୍କ ଆପଣ ସ.ଅଙ୍କ ମଥାରେ ଲାଗିଲା ନାହିଁ । କିନ୍ତୁ ସେହି ପ୍ରବାସିକ ବିଜୟ ଏବଂ ସାହାଯ୍ୟ ଆପଣ ସ.ଅଙ୍କୁ ମଧ୍ୟ ପ୍ରାପ୍ତ ହେଲା । ଅତଏବ୍ ହେ ବନ୍ଧୁଗଣ ! ସୁନିଶ୍ଚିତ ରୂପେ ତୁମେମାନେ ଏହା ମନେରଖ ଯେ, ଧର୍ମପରାୟଣ ବ୍ୟକ୍ତିର କେବେ ବି ଧ୍ୱଂସ ଘଟେ ନାହିଁ । ଯେତେବେଳେ ଦୁଇ ଗୋଷ୍ଠୀମାନେ ପରସ୍ପର ମଧ୍ୟରେ ଶତ୍ରୁତା ପ୍ରଦର୍ଶନ କରନ୍ତି ଏବଂ କଳହ ତଥା ଶତ୍ରୁତା ଶୀର୍ଷ ସ୍ଥାନକୁ ପହଞ୍ଚି ଯାଇଥାଏ ସେତେବେଳେ ଯେଉଁ ଗୋଷ୍ଠୀ ଈଶ୍ୱରଙ୍କ ଦୃଷ୍ଟିରେ ଧର୍ମପରାୟଣ ଏବଂ ସତ୍ୟନିଷ୍ଠ ହୋଇଥାଏ, ଆକାଶରୁ ସେହି ଗୋଷ୍ଠୀ ନିମନ୍ତେ ସାହାଯ୍ୟ ଅବତୀର୍ଣ୍ଣ ହୋଇଥାଏ ଏବଂ ଏହିପରି ଭାବରେ ଆକାଶୀୟ ନିର୍ଣ୍ଣୟ ଦ୍ୱାରା ଧାର୍ମିକ କଳହର ଅବସାନ (ସମାପ୍ତ) ଘଟିଥାଏ । ଅର୍ଥାତ୍ ଧାର୍ମିକ ଯୁଦ୍ଧର ଅନ୍ତ ଘଟିଥାଏ ।" ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଦେଖ ! ଆମ୍ଭର ପ୍ରିୟ ମୁନିବ ମୁହମ୍ମଦ ସ.ଅ କିପରି ଦୁର୍ବଳାବସ୍ଥାରେ ମକ୍କାରେ ଆବିର୍ଭୂତ ହୋଇଥିଲେ ଏବଂ ସେହି ଦିନମାନଙ୍କରେ ଅବୁ ଜହଲ୍ ଇତ୍ୟାଦି ଅବିଶ୍ୱାସକାରୀମାନଙ୍କର ଅତ୍ୟାଚାର ଚରମ ସୀମାରେ ଥିଲା। ଲକ୍ଷାଧିକ ଲୋକମାନେ ଆଁହଜରତ୍ ସ.ଅଙ୍କ ପ୍ରାଣର ଶତ୍ରୁ ପାଲଟି ଯାଇଥିଲେ । ତେବେ ଏପରି କେଉଁ ପ୍ରସଙ୍ଗ ରହିଥିଲା ଯାହା ଆମର ପ୍ରିୟ ମୁନିବ ସ.ଅଙ୍କୁ ଜୟଯୁକ୍ତ କରିଥିଲା। ନିଃସନ୍ଦେହ ରୂପେ ଏହା ମନେରଖ ଯେ, ତାହା ଆପଣ ସ.ଅଙ୍କର ସତ୍ୟବାଦୀତା, ସତ୍ୟନିଷ୍ଠତା ଓ ଅନ୍ତର୍ମନର ପବିତ୍ରତା ଓ ସତ୍ୟତା ହିଁ ଥିଲା । ଏହି ସବୁ ସୁଗୁଣାବଳୀ ଯୋଗୁଁ ଆପଣ ସ.ଅଙ୍କୁ ସଫଳତା ପ୍ରାପ୍ତ ହୋଇଥିଲା ।" **(ରାଜେ ହକିକତ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-14, ପୃ-155,165)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ ପୁନଶ୍ଚ କୁହନ୍ତି: "ଅଲ୍ଲାଃତାଲା ଆମର ପ୍ରିୟ ମହାବତାରଙ୍କୁ ସମ୍ବୋଧିତ କରି କୁହନ୍ତି إِنَّكَ لَعَلٰى خُلُقٍ عَظِيْمٍ ଅର୍ଥାତ୍ ହେ ମୁହମ୍ମଦ୍ ସ.ଅ ତୁମ୍ଭେ ଚରିତ୍ରର ସର୍ବୋଚ୍ଚ ସ୍ତରରେ ପ୍ରତିଷ୍ଠିତ ଅଟ । ଅତଏବ୍ ଏହି ବ୍ୟାଖ୍ୟା ଅନୁଯାୟୀ ଉକ୍ତ ଆୟତ୍‌ର ଏହି ଅର୍ଥ ହେବ ଯେ, ସମସ୍ତ ପ୍ରକାରର ଚାରିତ୍ରିକ ଉଦାରତା, ସାହସିକତା, ନ୍ୟାୟ, ଦୟା, ଉପକାର, ସତ୍ୟତା, ଉତ୍ସାହ ଇତ୍ୟାଦି ତୁମ୍ଭ ଠାରେ ହିଁ ଏକତ୍ରିତ ରହିଛି । ଅତଏବ୍ ମନୁଷ୍ୟ ମଧ୍ୟରେ ଯେପରି ଶକ୍ତି ଦେଖିବାକୁ ମିଳିଥାଏ ଯଥା- ଶିଷ୍ଟାଚାର, ଲାଜ, ବିଶ୍ୱସ୍ତତା, ସଭ୍ୟତା, ଶାଳୀନତା, ସ୍ୱାଭିମାନ, ବିବେକ, ଅବିଚଳତା, ସତୀତ୍ୱତା, ସତ୍ୟନିଷ୍ଠତା, ସମନ୍ୱୟତା, ମଧ୍ୟାନୁବର୍ତ୍ତୀତା, ସହାନୁଭୂତ ଇତ୍ୟାଦି ଏପରି ସାହସିକତା, ଉଦାରତା, ଦୟା, କ୍ଷମା, ଧୈର୍ଯ୍ୟ, ଉପକାର, ସତ୍ୟନିଷ୍ଠତା, ବିଶ୍ୱସ୍ତତା ଇତ୍ୟାଦି ଗୁଣଗୁଡ଼ିକ ଯେତେବେଳେ ସ୍ୱାଭାବିକ ଅବସ୍ଥା ବୁଦ୍ଧି ଓ ବିଚାରର ପରାମର୍ଶ ଦ୍ୱାରା ନିଜ ନିଜ ସ୍ଥାନରେ ସଂଗଠିତ ହୋଇଯିବ ସେତେବେଳେ ସେସବୁର ନାମ ବା ସେସବୁକୁ ଚରିତ୍ର ବୋଲି କୁହାଯିବ ।"

**(ଇସଲାମୀ ଉସୁଲ୍ କି ଫିଲାସଫି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-10, ପୃ-333)**

ଅତଏବ୍ ଚରିତ୍ର କହିଲେ, କେବଳ ଉତ୍ତମ ଚରିତ୍ର ବା ସ୍ମିତ ହାସ୍ୟତାର ସହିତ ଅନ୍ୟକୁ ସାକ୍ଷାତ୍ କରିନେବା କିମ୍ବା ନମସ୍କାର କରିନେବାକୁ ବୁଝାଏ ନାହିଁ । ବରଂ ଆଁହଜରତ୍ ସ.ଅଙ୍କ ଆଦର୍ଶ ଅନୁଯାୟୀ ଯେଉଁ ପୁଣ୍ୟ ରହିଛି ଏବଂ ଲୋକମାନଙ୍କ ସହିତ ଯେଉଁ ବ୍ୟବହାର ରହିଛି ତାହାର ପରିପ୍ରକାଶ ଓ ଅଭିବ୍ୟକ୍ତି ହିଁ ସର୍ବୋଚ୍ଚ ଚରିତ୍ର ଅଟନ୍ତି । ଏଥି ପ୍ରତି ଧ୍ୟାନ ଦେବାର ବିଶେଷ ଆବଶ୍ୟକତା ରହିଛି । ଆଁହଜରତ୍ ସ.ଅ ସତ୍ୟକୁ ସଂସାରରେ ପରିବ୍ୟାପ୍ତ କରିବା ନିମନ୍ତେ ଆସିଥିଲେ । ତେଣୁ ବିଭିନ୍ନ ଅବସରରେ ଆପଣ ସ.ଅଙ୍କ ଉପରେ ବିଶ୍ୱାସ ଆଣିଥିବା ଲୋକମାନଙ୍କୁ ମଧ୍ୟ ଆପଣ ସ.ଅ ସତ୍ୟତା ଉପରେ ପ୍ରତିଷ୍ଠିତ ରହିବା ନିମନ୍ତେ ଅନୁପ୍ରାଣିତ କରିଛନ୍ତି । ସୁତରାଂ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବଦୁଲ୍ଲାଃ ଇବ୍‌ନେ ମସଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, ତୁମମାନଙ୍କ ଉପରେ ଅନିର୍ବାର୍ଯ୍ୟ ଯେ, ତୁମେମାନେ ସତ କହିବ । କାରଣ ସତ୍ୟ ପୁଣ୍ୟ ଆଡ଼କୁ ନେଇଯାଇଥାଏ ଏବଂ ପୁଣ୍ୟ ସ୍ୱର୍ଗ ଆଡ଼କୁ ନେଇଯାଇଥାଏ । ଯେତେବେଳେ କୌଣସି ବ୍ୟକ୍ତି ଅହରହ ସତ କହିଥାଏ ଏବଂ ସତ୍ୟର ସନ୍ଧାନରେ ଉଦ୍ୟମରତ ଥାଏ ସେତେବେଳେ ସେ ଅଲ୍ଲାଃତାଲାଙ୍କ ନିକଟରେ ସତ୍ୟବାଦୀ ରୂପେ ପରିଗଣିତ ହୋଇଥାଏ । ହେ ଲୋକମାନେ ! ତୁମେମାନେ ମିଛ କହିବାରୁ ନିବବୃତ୍ତ ରୁହ ଓ ମିଛ କହିବାରୁ ବର୍ତ୍ତିବାକୁ ପ୍ରୟାସ କର । କାରଣ ମିଛ ବ୍ୟଭିଚାର ଆଡ଼କୁ ନେଇଯାଇଥାଏ ଏବଂ ବ୍ୟଭିଚାର ନର୍କାଗ୍ନି ଆଡ଼କୁ ନେଇ ଯାଇଥାଏ । ବ୍ୟକ୍ତି ଯେତେବେଳେ ମିଛ କହିଥାଏ ଏବଂ ମିଛ କହିବା ନିମନ୍ତେ ଉଦ୍ୟମ କରିଥାଏ ସେତେବେଳେ ସେ ଅଲ୍ଲାଃତାଲାଙ୍କ ନିକଟରେ ମିଥ୍ୟାବାଦୀ ରୂପେ ବିବେଚିତ ହୋଇଥାଏ । ପୁନଶ୍ଚ ଯେତେବେଳେ ମିଥ୍ୟାବାଦୀ ରୂପେ ବିବେଚିତ ହୁଏ ସେତେବେଳେ ସେ ନର୍କାଗ୍ନି ଅଭିମୁଖେ ଅଗ୍ରସର ହୋଇଥାଏ। ଅର୍ଥାତ୍ ନର୍କାଗ୍ନିରେ ନିକ୍ଷିପ୍ତ ହୋଇଥାଏ। ଅତଏବ ଏହା ଅତ୍ୟନ୍ତ ଭୟପ୍ରଦ ଅବସ୍ଥା ଅଟେ । **(ଯାମେ ତିର୍ମିଜି, କିତାବୁଲ୍ ବିର୍‌ରି ୱସ୍ ସିଲତା, ବାବ୍- ମା ଯାଆ ଫିସ୍ ସିଦ୍‌କି ୱଲ୍ କିଜ୍‌ବି, ହଦିସ୍, ନଂ-1971)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, "ହେ ସାହାବାମାନେ ! ସେ ଯେକୌଣସି ଅବସ୍ଥା ଏବଂ ଯେକୌଣସି ପରିସ୍ଥିତି ଅର୍ଥାତ୍ ନା ଗମ୍ଭୀରାବସ୍ଥା, ସମ୍ମୋଦନଶୀଳ ଅବସ୍ଥାରେ ଓ ନା ହିଁ ଥଟ୍ଟା ବା ଉପହାସ ଅବସ୍ଥାରେ ମଧ୍ୟ ମିଛ କହିବା ଉଚିତ୍ ନୁହଁ ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କେତେକ ଲୋକ ମଜାକ୍‌ରେ କୁହନ୍ତି ଯେ, ଆଜ୍ଞା ଆମେ ଟିକ୍ ଥଟ୍ଟା କରି ଦେଇଥିଲୁ ଏବଂ ଆପଣଙ୍କୁ ମିଛ କହିଥିଲୁ । ଏହି ଥଟ୍ଟା ମଧ୍ୟ କରିବା ଉଚିତ୍ ନୁହଁ । ସେହିପରି କୌଣସି ବ୍ୟକ୍ତି ନିଜର ସନ୍ତାନକୁ ମିଛ ପ୍ରତିଶ୍ରୁତି ମଧ୍ୟ ନଦେଉ ଯେ, ସେ ନିଜର ସନ୍ତାନକୁ ଅମକ ଜିନିଷ ଆଣି ଦେଇଦେବ । କିନ୍ତୁ ଅପର ମୁହୂର୍ତ୍ତରେ ସେ ନିଜର ପ୍ରତିଶ୍ରୁତିକୁ ରକ୍ଷା କରିପାରୁ ନଥିବ । ତେଣୁ ଏପରି କରିବା ଅନୁଚିତ୍ ଅଟେ । ନିଃସନ୍ଦେହ ରୂପେ ସତ୍ୟତା ପୁଣ୍ୟ ଆଡ଼କୁ ମାର୍ଗଦର୍ଶନ କିରଥାଏ ଏବଂ ପୁଣ୍ୟ ସ୍ୱର୍ଗଗାମୀ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

**ତାଲିବେ ଦୁଆ:** Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

**ତାଲିବେ ଦୁଆ:** Sheikh Ghulam Ahmad & Family, Jamat Ahmadiya Bhadrak (Odisha)

କରାଇଥାଏ । ନିଃସସନ୍ଦେହ ରୂପେ ମିଥ୍ୟା ପାପ ଆଡ଼କୁ ଅଗ୍ରସର କରାଇଥାଏ ଓ ପାପ ନର୍କଗାମୀ କରାଇଥାଏ । ସତ କହୁଥିବା ବ୍ୟକ୍ତି ସଂପର୍କରେ ଏହା କୁହାଯାଏ ଯେ, ସେ ସତ କହିଲା, ପୁଣ୍ୟ କଲା । କିନ୍ତୁ ମିଛ କହୁଥିବା ବ୍ୟକ୍ତି ସଂପର୍କରେ କୁହାଯାଏ ଯେ, ସେ ମିଛ କହିଲା ଏବଂ ପାପ କଲା । **(ଅଲ୍ ଯାମେ, ଲିଶୋବିଲ୍ ଇମାନ୍, ବହିକି,, ଗ୍ରନ୍ଥଖଣ୍ଡ-6, ପୃ-441, ହଦିସ୍ ସଂଖ୍ୟା-4453, ମକ୍‌ତବତରର୍ ରୁଶ୍‌ଦି)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସୁରାଃ ତୌବାରେ ଅଲ୍ଲାଃତାଲା କୁହନ୍ତି: يٰٓاَيُّهَا الَّذِيْنَ اٰمَنُوا اتَّقُوا اللّٰهَ وَكُوْنُوْا مَعَ الصّٰدِقِيْنَ **(ଅତ୍ ତୌବା: 119)** "ଅର୍ଥାତ୍ ହେ ବିଶ୍ୱାସକାରୀଗଣ ! ତୁମେମାନେ ଅଲ୍ଲାଃଙ୍କୁ ଭୟ କର ଓ ସତ୍ୟବାଦୀମାନଙ୍କ ସହ ସାମିଲ୍ ହୁଅ ।" ଉକ୍ତ ଆୟତ୍‌ର ବ୍ୟାଖ୍ୟାରେ ଅଲ୍ଲାମା ରାଜି ର.ଅ କୁହନ୍ତି: "ଜଣେ ବ୍ୟକ୍ତି ଆଁହଜରତ୍ ସ.ଅଙ୍କ ପାଖକୁ ଆସିଲା ଏବଂ କହିଲା, ହେ ମୁହମ୍ମଦ୍ ! ମୁଁ ଏପରି ବ୍ୟକ୍ତି ଅଟେ ଯେ, ମୁଁ ପାପରୁ ବର୍ତ୍ତିବାକୁ ଚାହୁଁଛି । କିନ୍ତୁ ମୋତେ ମଦ୍ୟ ପାନ କରିବା, ବ୍ୟଭିଚାର କରିବା, ଚୋରି କରିବା ଓ ମିଛ କହିବା ବହୁତ ଭଲ ଲାଗେ । ଏହିସବୁ ଖରାପ ଅଭ୍ୟାସ ଏପରି ଅଟନ୍ତି ଯାହା ମୋ ମଧ୍ୟରେ ରହିଛି । ଲୋକମାନେ କୁହନ୍ତି ଯେ, ଆପଣ ସ.ଅ ସେହି ସବୁ ପ୍ରସଙ୍ଗକୁ ଅବୈଧ ବୋଲି ବିବେଚିତ କରିଥାଆନ୍ତି। ବର୍ତ୍ତମାନ ମୁଁ ବିଶ୍ୱାସ ନେଇ ଆସିଛି, ବିଶ୍ୱାସ ଆଣିବାକୁ ଚାହୁଁଛି କିନ୍ତୁ ଆପଣ ସ.ଅ କହୁଛନ୍ତି ଏସବୁ ଜିନିଷ ଅବୈଧ ଅଟେ । ଏସବୁ ଜିନିଷ ମୋ ମଧ୍ୟରେ ସର୍ବାଧିକ ରହିଛି ଏବଂ ମୋ ମଧ୍ୟରେ ଏତେ ସାମର୍ଥ୍ୟତା ନାହିଁ ଯେ, ମୁଁ ଏସବୁ ଅଭ୍ୟାସକୁ ପରିତ୍ୟାଗ କରିପାରିବି । ଯଦି ଆପଣ ସ.ଅ କେବଳ ଗୋଟିଏ କଥାକୁ ଛାଡ଼ିବା ପାଇଁ ମୋତେ ଅନୁମତି ପ୍ରଦାନ କରନ୍ତି ତେବେ ମୁଁ ସେହି କୃତ୍ୟକୁ ପରିତ୍ୟାଗ କରିଦେବି ଏବଂ ଆପଣ ସ.ଅଙ୍କ ଉପରେ ବିଶ୍ୱାସ ନେଇ ଆସିବି । ଆପଣ ସ.ଅ କହିଲେ, ହଉ ତାହାହେଲେ ତୁମେ ମିଛ କହିବା ଛାଡ଼ିଦିଅ । ସେ ଏହା ମନସ୍ଥ କଲା କି ମୁଁ ମିଛ କହିବା ଛାଡ଼ିଦେବି, ଅତଏବ୍ ସେ ମୁସଲମାନ ହୋଇଗଲା । ପୁନଶ୍ଚ ସେହି ବ୍ୟକ୍ତି ଯେତେବେଳେ ନବୀ କରୀମ୍ ସ.ଅଙ୍କ ପାଖ ଦେଇ ଅତିକ୍ରମ କଲା ସେତେବେଳେ ସେହି ବ୍ୟକ୍ତି ସମ୍ମୁଖରେ ମଦ ଉପସ୍ଥାପିତ କରାଗଲା (ମଦ ଦିଆଗଲା) । ସେ କହିଲା, ଯଦି ମୁଁ ମଦ୍ୟ ପାନ କରେ ଏବଂ ମୋତେ ରସୁଲୁଲ୍ଲାଃ ସ.ଅ ପଚାରନ୍ତି ଓ ମୁଁ ଯଦି ଆପଣ ସ.ଅଙ୍କୁ ମିଛ କହିଲି ତେବେ ମୁଁ ଅଙ୍ଗୀକାର ଭଙ୍ଗକାରୀ ବ୍ୟକ୍ତି ହେବି । ପୁନଶ୍ଚ ମୁଁ ଯଦି ସତ କହିଲି ତେବେ ମୋ ଉପରେ କଟକଣା ଲଗାଇ ଦିଆଯିବ । ସୁତରାଂ ସେ ମଦ୍ୟ ପାନ କରିବାକୁ ମନା କରିଦେଲା । ପୁନଶ୍ଚ ସେହି ବ୍ୟକ୍ତିକୁ ବ୍ୟଭିଚାର କରିବା ନିମନ୍ତେ କୁହାଗଲା । ଏହି ଧାରଣାଟି ତା' ମନ ମସ୍ତିଷ୍କକୁ ଘୂର୍ଣ୍ଣିଭୂତ କଲା, କିନ୍ତୁ ସେ ତାହା ମଧ୍ୟ ପରିତ୍ୟାଗ (ପ୍ରତ୍ୟାଖ୍ୟାନ) କରିଦେଲା । ସେହିପରି ସେହି ବ୍ୟକ୍ତିକୁ ଚୋରି କରିବା ନିମନ୍ତେ କୁହାଗଲା, କିନ୍ତୁ ସେ ଚୋରି କରିବାକୁ ମଧ୍ୟ ଅସ୍ୱୀକାର କରିଦେଲା । ଏତଦ୍‌ପରେ ସେ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଆସିଲା ଏବଂ କହିବାକୁ ଲାଗିଲା: ହେ ଅଲ୍ଲାଃଙ୍କ ବାର୍ତ୍ତାବହ ଯାହା ଆପଣ ସ.ଅ ମୋତେ କହିଥିଲେ ଏବଂ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ତାହା ମୁଁ କରିଲି ନାହିଁ । ଆପଣ ଖୁବ୍ ସୁନ୍ଦର ଉପଦେଶ ମୋତେ ଦେଇଥିଲେ । ଆପଣ ସ.ଅ ଯେତେବେଳେ ମୋତେ ମିଛ କହିବାରୁ ଅଟକାଇଲେ ସେତେବେଳେ ଅନ୍ୟ ପାପର ଦ୍ୱାର ମୋ ନିମନ୍ତେ ବନ୍ଦ ହୋଇଗଲା ଏବଂ ଏହିପରି ଭାବରେ ମୁଁ ପ୍ରତ୍ୟେକ ପାପ କର୍ମ ଠାରୁ ମୁହଁ ମୋଡ଼ି ନେଲି ଏବଂ ପ୍ରଭୁଙ୍କ ଶରଣ ଭିକ୍ଷା କଲି ।" **(ଅତ୍ ତଫ୍‌ସିରୁଲ୍ କବିର୍ ଇମାମ୍ ରାଜି, ଗ୍ରନ୍ଥଖଣ୍ଡ-16, ପୃ-227, ତଫ୍‌ସିର୍-ସୁରତୁତ୍ ତୌବା, ଆୟତ୍-119, ଦାରୁଲ୍ ଫିକର୍, ବୈରୁତ୍-1981)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ବକ୍କର ର.ଅଙ୍କ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ସଂପର୍କରେ ଉଲ୍ଲେଖ ରହିଛି ଯେ, ଉମ୍ମୁଲ୍ ମୁମିନିନ୍ ହ. ଉମ୍ମେ ସଲ୍‌ମା ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଅବୁ ବକ୍କର୍ ସିଦ୍ଦିକ୍ ର.ଅ ଆଁହଜରତ୍ ସ.ଅଙ୍କ ଘନିଷ୍ଠ ଓ ନୈଷ୍ଠିକ ବନ୍ଧୁ ଥିଲେ । ଯେତେବେଳେ ଆପଣ ସ.ଅ ଅବତୀର୍ଣ୍ଣ ହେଲେ ଅର୍ଥାତ୍ ବାର୍ତ୍ତାବହ ହେବାର ଦାବି କଲେ ସେତେବେଳେ କୁରୈଶ୍‌ମାନେ ହ. ଅବୁ ବକ୍କର ର.ଅଙ୍କ ପାଖକୁ ଆସିଲେ ଏବଂ କହିଲେ, ହେ ଅବୁ ବକ୍କର ! ତୁମର ସେହି ସାଙ୍ଗଟି ପାଗଳ ହୋଇଯାଇଛି । **ନାଉଜୁବିଲ୍ଲାଃ** । ହ. ଅବୁ ବକ୍କର ର.ଅ କହିଲେ, ତାଙ୍କୁ କ'ଣ ହୋଇଛି କି ? ଲୋକମାନେ କହିଲେ, ସେ ଅର୍ଥାତ୍ ମୁହମ୍ମଦ୍ ସ.ଅ ମସ୍‌ଜିଦେ ହରାମ୍ ଠାରେ ଲୋକମାନଙ୍କୁ ଏକେଶ୍ୱରବାଦ ଅର୍ଥାତ୍ ଏକ ଈଶ୍ୱରଙ୍କ ଆଡ଼କୁ ଡାକୁଛି । ସେ କହୁଛି ଯେ, ସେ କୁଆଡ଼େ ଅବତାର ଅଟେ । ହ. ଅବୁ ବକ୍କର୍ ସିଦ୍ଦିକ୍ ର.ଅ କହିଲେ, ଆଚ୍ଛା ସେ ଏପରି କଥା କହୁଛି ? ଲୋକମାନେ କହିଲେ, ହଁ ! ସେ ଏକଥା ମସ୍‌ଜିଦେ ହରାମ୍ ଠାରେ କହୁଛି । ସୁତରାଂ ହ. ଅବୁ ବକ୍କର ର.ଅ ନବୀ କରୀମ୍ ସ.ଅଙ୍କ ଆଡ଼କୁ ଗଲେ ଏବଂ ଆପଣ ସ.ଅଙ୍କ ଦୁଆର ସମ୍ମୁଖରେ ଉପସ୍ଥିତ ହୋଇ ଆପଣ ସ.ଅଙ୍କୁ ବାହାରକୁ ଡକାଇଲେ । ଯେତେବେଳେ ଆପଣ ସ.ଅ ତାଙ୍କ ସମ୍ମୁଖକୁ ଆସିଲେ ସେତେବେଳେ ହ. ଅବୁ ବକ୍କର ର.ଅ କହିଲେ, ହେ ଅବୁଲ୍ କାସିମ୍ ! ମୁଁ ଆପଣ ସ.ଅଙ୍କ ସଂପର୍କରେ ଅମକ କଥା ଶୁଣିଛି ? ଆଁହଜରତ୍ ସ.ଅ କହିଲେ, ହେ ଅବୁ ବକ୍କର୍ ! ଆପଣ ମୋ ସଂପର୍କରେ କ'ଣ ଶୁଣିଛନ୍ତି ? ହ. ଅବୁ ବକ୍କର ର.ଅ କହିଲେ, ମୁଁ ଆପଣ ସ.ଅଙ୍କ ସଂପର୍କରେ ଏହି କଥା ଶୁଣିଛି ଯେ, ଆପଣ ସ.ଅ ଲୋକମାନଙ୍କୁ ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦ ଆଡ଼କୁ ଡାକୁଛନ୍ତି ଏବଂ ଆପଣ ସ.ଅ କୁହନ୍ତି ଯେ, ଆପଣ ସ.ଅ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି । ଆଁହଜରତ୍ ସ.ଅ କହିଲେ, ହଁ ! ହେ ଅବୁ ବକ୍କର ର.ଅ ! ନିଃସନ୍ଦେହ ରୂପେ ପ୍ରଭୁ ପରମେଶ୍ୱର ମୋତେ ଶୁଭ ସୂଚନା ପ୍ରଦାନକାରୀ ଏବଂ ଭୟ ପ୍ରଦର୍ଶନକାରୀ ରୂପେ ପ୍ରେରଣ କରିଛନ୍ତି । ପ୍ରଭୁ ମୋତେ ଇବ୍ରାହିମ୍ ଅ.ସଙ୍କ ଦୁଆର ଅଧିକାରୀ କହିଛନ୍ତି ଏବଂ ମୋତେ ସମଗ୍ର ମାନବ ଜାତି ଆଡ଼କୁ ରସୁଲ୍ (ବାର୍ତ୍ତାବହ ଏବଂ ଦୟା ଓ କରୁଣା) କରି ପ୍ରେରଣ କରିଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ବକ୍କର ର.ଅ ଆଁହଜରତ୍ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ମୁଁ ଆପଣ ସ.ଅଙ୍କୁ କେବି ବି ମିଛ କହୁଥିବାରେ ଦେଖି ନାହିଁ । ଆପଣ ସ.ଅ ନିଃସନ୍ଦେହ ରୂପେ ନିଜର ନ୍ୟାସର ମର୍ଯ୍ୟାଦା, ଉଦର ସମ୍ବନ୍ଧୀୟ ଅର୍ଥାତ୍ ସଂପର୍କୀୟ ଓ ଅମ୍ବୀୟ ସ୍ୱଜନମାନଙ୍କ ପ୍ରତି ଦୟା ପ୍ରଦର୍ଶ କରିବା ଏବଂ ଭଲ କାମ ଯୋଗୁଁ ଅବତାରତ୍ୱର ସର୍ବାଧିକ ଅଧିକାରୀ ଅଟନ୍ତି। ଆପଣ ସ.ଅ ନିଜର ହାତ ଆଗକୁ ବଢାନ୍ତୁ ମୁଁ ଆପଣ ସ.ଅଙ୍କର ବୈଅତ୍ କରିନେବି (ଦୀକ୍ଷା ଗ୍ରହଣ କରିବି) । ଅତଏବ୍ ରସୁଲୁଲ୍ଲା ସ.ଅ ନିଜର ହାତ ଆଗକୁ ବଢାଇଲେ ଏବଂ ହ. ଅବୁ ବକ୍କର୍ ର.ଅ ଆପଣ ସ.ଅଙ୍କର ବୈଅତ୍ କଲେ ଏବଂ ଆପଣ ସ.ଅଙ୍କ ପୁଷ୍ଟି କଲେ ଓ ସ୍ୱୀକାରୋକ୍ତି ପ୍ରକାଶ କଲେ ଯେ, ଆପଣ ସ.ଅ ଯାହା ଘିନି ଆଣିଛନ୍ତି ତାହା ସତ୍ୟ ଅଟେ । ଅତଏବ୍ ମୁଁ (ଉମ୍ମେ ସଲ୍‌ମା ର.ଅ) ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ଯେତେବେଳେ ରସୁଲୁଲ୍ଲାଃ ସ.ଅ ହ. ଅବୁ ବକ୍କର ର.ଅଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଡାକିଲେ ସେତେବେଳେ ହ. ଅବୁ ବକ୍କର ର.ଅ କୌଣସି ଟାଳଟୁଳ କଲେ ନାହିଁ । **(ରିୟାଜୁନ୍ ନଜର୍‌ର ଅନୁବାଦକ, ଗ୍ରନ୍ଥଖଣ୍ଡ-154-156, ଚିଶ୍‌ତି କୁତୁବ୍ ଖାନା, ଲାହୋର୍, 2017 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏଥି ସଂକ୍ରାନ୍ତରେ କୁହନ୍ତି: "ଯେତେବେଳେ ଆଁହଜରତ୍ ସ.ଅ ଅବତାରତ୍ୱର ଦାବି ବା ଅବତାରତ୍ୱ ହେବାର ପରିପ୍ରକାଶ କଲେ ସେତେବେଳେ ହ. ଅବୁ ବକ୍କର୍ ସିଦ୍ଦିକ୍ ର.ଅ ସିରୀୟା ଅଭିମୁଖେ ଯାଇଥିଲେ । ଯେତେବେଳେ ଆପଣ ର.ଅ ସିରୀୟାରୁ ଫେରିଲେ ସେତେବେଳେ ଆପଣ ର.ଅ ବର୍ତ୍ତମାନ ବାଟରେ ହିଁ ଥିଲେ କି ଜଣେ ବ୍ୟକ୍ତି ଆପଣ ର.ଅଙ୍କୁ ଭେଟିଲା। ଆପଣ ର.ଅ ସେହି ବ୍ୟକ୍ତିକୁ ମକ୍କାର ପରିସ୍ଥିତି ଏବଂ ଖବର ସଂପର୍କରେ ପଚାରିଲେ ଏବଂ କହିଲେ, ହେ ବ୍ୟକ୍ତି କିଛି ତାଜା ଖବର ଅଛି ତାହାହେଲେ କୁହ । ଉକ୍ତ କଥାଟି ନୈତିପୂର୍ଣ୍ଣ କଥା ଯେ, ଯେତେବେଳେ ଜଣେ ବ୍ୟକ୍ତି ଯାତ୍ରାରୁ ଫେରିଥାଏ ସେତେବେଳେ ଯଦି କୌଣସି ସ୍ଥାନୀୟ ବ୍ୟକ୍ତି ମିଳିଯାଏ ତେବେ ଯାତ୍ରା ଗମନ କରିଥିବା ବ୍ୟକ୍ତି ଉକ୍ତ ବ୍ୟକ୍ତିକୁ ନିଜର ମାତୃଭୂମି ସଂପର୍କରେ ଖବର ପଚାରିଥାଏ । ସେ କହିଲା, ନୂତନ କଥା ଏହିକି ଯେ, ତୁମର ସାଙ୍ଗ ମୁହମ୍ମଦ ସ.ଅ ଅବତାରତ୍ୱର ଦାବି କରିଛି । ଆପଣ ର.ଅ ଉକ୍ତ ଖବରଟି ଶୁଣିବା ମାତ୍ରେ କହିଲେ, ହେ ବ୍ୟକ୍ତି ଯଦି ମୁହମ୍ମଦ୍ ସ.ଅ ଦାବି କରିଛନ୍ତି ତେବେ ନିଶ୍ଚିତ ରୂପେ ଆପଣ ସତ୍ୟବାଦୀ ଅଟନ୍ତି । ତହିଁରୁ ଏହା ଜ୍ଞାତ ହୁଏ ଯେ, ଆପଣ ସ.ଅଙ୍କ ପ୍ରତି ହ. ଅବୁ ବକ୍କର ର.ଅ କିପରି ସୁଧାରଣା ପୋଷଣ କରୁଥିଲେ ? କୌଣସି ଚମତ୍କାରର ମଧ୍ୟ ଆବଶ୍ୟକ ବୋଲି ମନେ କଲେ ନାହିଁ । ବାସ୍ତବତା ଏହିକି ଯେ, ଯେଉଁ ବ୍ୟକ୍ତି ପରିସ୍ଥିତି ସହିତ ଅବଗତ ନଥାଏ ସେହି ବ୍ୟକ୍ତି ହିଁ ଚମତ୍କାର ଦେଖିବାକୁ ଅଭିଳାଷୀ ହୋଇଥାଏ । ସେହିପରି ଯେଉଁଠି ସ୍ୱାଭିମାନ ଥାଏ, ସାନ୍ତ୍ୱନା ପ୍ରାପ୍ତ କରିବା ନିମନ୍ତେ କହିଥାଏ ସେହି ବ୍ୟକ୍ତି ହିଁ ଚମତ୍କାର ଦେଖିବାକୁ ଚାହିଁଥାଏ । କିନ୍ତୁ ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ଅସ୍ୱୀକାର କରୁ ନାହିଁ ତେବେ ତାକୁ ଚମତ୍କାରର କୌଣସି ଆବଶ୍ୟକତା ନାହିଁ ? ସୁତରାଂ ହ. ଅବୁ ବକ୍କର୍ ସିଦ୍ଦିକ୍ ର.ଅ ବାଟରେ ହିଁ ଶୁଣି ଆଁହଜରତ୍ ସ.ଅଙ୍କ ଉପରେ ବିଶ୍ୱାସ ନେଇ ଆସିଲେ ଏବଂ ଯେତେବେଳେ ଆପଣ ର.ଅ ମକ୍କା ଠାରେ ପହଞ୍ଚିଲେ ସେତେବେଳେ ଆପଣ ର.ଅ ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ପଚାରିଲେ ଯେ, ହେ ମୁହମ୍ମଦ୍ ସ.ଅ ! କ'ଣ ଆପଣ ସ.ଅ ଅବତାରତ୍ୱର ଦାବି କରିଛନ୍ତି କି ? ଆଁହଜରତ୍ ସ.ଅ ଉତ୍ତର ଦେଲେ ଯେ, ହଁ ଆପଣ ର.ଅ ଠିକ୍ ଶୁଣିଛନ୍ତି। ହ. ଅବୁ ବକ୍କର୍ ସିଦ୍ଦିକ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଉକ୍ତ କଥା ଉପରେ ସାକ୍ଷୀ ରୁହନ୍ତୁ । କାରଣ ମୁଁ ଆପଣ ସ.ଅଙ୍କର ପ୍ରଥମ ପୁଷ୍ଟିକର୍ତ୍ତା ଅଟେ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-337, ସଂସ୍କରଣ ବର୍ଷ-2022 ମସିହା)**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"**

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ଆପଣ ଅ.ସ ଉକ୍ତ କଥାକୁ ଏହିଭଳି ଢଙ୍ଗରେ ଉପସ୍ଥାପିତ କରିଛନ୍ତି ଯେ, "ଉକ୍ତ କଥାକୁ ବୁଝାଇବା ମୋର ସୌଭାଗ୍ୟ ଯେ, ଯେଉଁ ବ୍ୟକ୍ତି ପ୍ରାରମ୍ଭିକ ଯୁଗରେ ଆପଣ ସ.ଅଙ୍କ ବାର୍ତ୍ତାକୁ ଶୁଣିଲା ନାହିଁ ସେହି ବ୍ୟକ୍ତି ମଧ୍ୟରେ କୌଣସି ସାମର୍ଥ୍ୟତା ଏବଂ ବିଶେଷତା ନାହିଁ । ଅର୍ଥାତ୍ ପ୍ରାରମ୍ଭିକ କାଳରେ ଆପଣ ସ.ଅଙ୍କର ସନ୍ଦେଶକୁ ଶୁଣି ଯିଏ ବୈଅତ୍ କରିନେଲା ସେହି ବ୍ୟକ୍ତି ହିଁ ପ୍ରକୃତ ମନୁଷ୍ୟ ଅଟେ । ବାସ୍ତବରେ ସେହି ବ୍ୟକ୍ତି ହିଁ ପୁଣ୍ୟ ସ୍ୱଭାବର ଅଧିକାରୀ ଅଟେ । ଯେଉଁ ବ୍ୟକ୍ତି ଆଳ ଏବଂ ବାହାନ କରିଥାଏ ତଥା ପ୍ରମାଣର ଅଭିଳାଷୀ ତା'ର କୌଣସି ମର୍ଯ୍ୟାଦା ଏବଂ ସାମର୍ଥ୍ୟତା ଓ ବିଶେଷତା ନଥାଏ । କିନ୍ତୁ ଯେତେବେଳେ ଅଲ୍ଲାଃତାଲା ସ୍ପଷ୍ଟ କରିଦେଲେ ସେତେବେଳେ ତ' ପଥର ଏବଂ ବୃକ୍ଷମାନେ ମଧ୍ୟ କଥାବାର୍ତ୍ତା କରୁଥିଲେ । ଅର୍ଥାତ୍ ଯେତେବେଳେ ସବୁକିଛି ସ୍ପଷ୍ଟ ହୋଇଯାଏ, ନିଦର୍ଶନ ପ୍ରକାଶିତ ହେବାକୁ ଲାଗିଯାଏ ସେତେବେଳେ ବାର୍ତ୍ତାବହଙ୍କୁ ସ୍ୱୀକାର କରିନେବା ଉଚିତ। କାରଣ ଅଧିକ ସମ୍ମାନସ୍ପଦ ହେଉଛି ସେହି ବ୍ୟକ୍ତି ଯିଏ ପ୍ରାରମ୍ଭରେ ହିଁ ବାର୍ତ୍ତାବହଙ୍କୁ ସ୍ୱୀକାର କଲା । ଯେପରିକି ହ. ଅବୁ ବକ୍କର ର.ଅ ଆଁହଜରତ୍ ସ.ଅଙ୍କୁ ପ୍ରାରମ୍ଭରେ ହିଁ ସ୍ୱୀକାର କରିନେଲେ । ଆପଣ ର.ଅ ଆଁହଜରତ୍ ସ.ଅଙ୍କୁ କୌଣସି ଚମତ୍କାର ଦେଖାଇବାକୁ କହିଲେ ନାହିଁ । ଆପଣ ର.ଅ ବର୍ତ୍ତମାନ ଆପଣ ସ.ଅଙ୍କ ତୁଣ୍ଡରୁ ମଧ୍ୟ ଶୁଣି ନଥିଲେ କି ଆପଣ ର.ଅ ଆଁହଜରତ୍ ସ.ଅଙ୍କ ଉପରେ ବିଶ୍ୱାସ ନେଇ ଆସିଲେ । ଅର୍ଥାତ୍ ହ. ଅବୁ ବକ୍କର ର. ଆଁହଜରତ୍ ସ.ଅଙ୍କ କୌଣସି ଦାବି ଶୁଣି ନଥିଲେ କି ବିଶ୍ୱାସ ନେଇ ଆସିଲେ । ଏହା ଉଲ୍ଲେଖ ରହିଛି ଯେ, ହ. ଅବୁ ବକ୍କର ର.ଅ ନିଜର ବାଣିଜ୍ୟ ବ୍ୟାପାର ସକାଶେ ମକ୍କା ବାହାରକୁ ଯାଇଥିଲେ । ଆପଣ ର.ଅ ଯେତେବେଳେ ନିଜର ମତୃଭୂମିକୁ ଫେରିଲେ ସେତେବେଳେ ବାଟରେ ଜଣେ ବ୍ୟକ୍ତି ସହିତ ଆପଣ ର.ଅଙ୍କ ଭେଟ ହେଲା ଆପଣ ର.ଅ ସେହି ବ୍ୟକ୍ତିକୁ ମାତୃଭୂମିର ଖବର ସଂପର୍କରେ ପଚାରିଲେ, ସେତେବେଳେ ସେହି ବ୍ୟକ୍ତି ଜଣକ କହିଲା, ହେ ଅବୁ ବକ୍କର୍ ! ଆପଣ ର.ଅଙ୍କ ବନ୍ଧୁ (ସାଙ୍ଗ) ମୁହମ୍ମଦ ସ.ଅ ଅବତାରତ୍ୱର ଦାବି କରିଛନ୍ତି । ତେବେ ହ. ଅବୁ ବକ୍କର ର.ଅ ପ୍ରତ୍ୟୁତ୍ତରରେ କହିଲେ, ଆଛା ଯଦି ସେ ଦାବି କରିଛନ୍ତି ତାହାହେଲେ ସେ ଅବଶ୍ୟ ସତ୍ୟବାଦୀ ଅଟନ୍ତି ଓ ସତ କହିଛନ୍ତି ।"

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ବର୍ତ୍ତମାନ ବିଚାର କର ଏବଂ ଦେଖ ଯେ, ହ. ଅବୁ ବକ୍କର ର.ଅ ସେତେବେଳେ କୌଣସି ଚମତ୍କାର କିମ୍ବା ନିଦର୍ଶନ ଦେଖାଇବାକୁ କହିଲେ ନାହିଁ । ବରଂ ଶୁଣିବା ମାତ୍ରେ ସହସା ବିଶ୍ୱାସ ନେଇ ଆସିଲେ ଏବଂ ଆଁହଜରତ୍ ସ.ଅଙ୍କ ତୁଣ୍ଡରୁ ମଧ୍ୟ ଆପଣ ର.ଅ ଅବତାରତ୍ୱର ଦାବି ଶୁଣି ନଥିଲେ ବରଂ ଅନ୍ୟ ଏକ ବ୍ୟକ୍ତି ଠାରୁ ଆଁହଜରତ୍ ସ.ଅଙ୍କ ଦାବି ସଂପର୍କରେ ଶୁଣି ତୁରନ୍ତ ସ୍ୱୀକାର କରିନେଲେ । ଏହା କେଡ଼େ ବଳିଷ୍ଠ ବିଶ୍ୱାସ ଅଟେ ! ଅର୍ଥାତ୍ ଆଁହଜରତ୍ ସ.ଅଙ୍କ ନାଁ ଶୁଣି ତହିଁରେ କୌଣସି ସଂଶୟ ବୋଲି ମନେ କରିଲେ ନାହିଁ । ଆଁହଜରତ୍ ସ.ଅଙ୍କ ଦାବି ଶୁଣିବା ମାତ୍ରେ ଆପଣ ର.ଅ ତୁରନ୍ତ ବିଶ୍ୱାସ ନେଇ ଆସିଲେ । କାରଣ ଆପଣ ର.ଅଙ୍କୁ ଏକଥା ଜଣା ଥିଲା ଯେ, ଆପଣ ସ.ଅ କେବେ ବି ମିଛ କହିବେ ନାହିଁ । ଦେଖ ! ହ. ଅବୁ ବକ୍କର ର.ଅ କୌଣସି ନିଦର୍ଶନ ମାଗିଲେ ନାହିଁ । ଏହି କାରଣ ଥିଲା ଯେ, ଆପଣ ର.ଅଙ୍କ ନାମ ସିଦ୍ଦିକ୍ ଅର୍ଥାତ୍ ସତ୍ୟବାଦୀ ହେଲା । ସତ୍ୟତା ଦ୍ୱାରା ପରିପୂର୍ଣ୍ଣ । କେବଳ ମୁହଁ ଦେଖିବା ମାତ୍ରେ ଚିହ୍ନି ପକାଇଲେ ଯେ, ଏହି ବ୍ୟକ୍ତି ମିଥ୍ୟାବାଦୀ ନୁହେଁ । ଅତଏବ୍ ସତ୍ୟବାଦୀମାନଙ୍କୁ ଚିହ୍ନିବା ଏବଂ ସୋନଙ୍କୁ ସ୍ୱୀକାର କରିବା କିଛି କଷ୍ଟସାଧ କାର୍ଯ୍ୟ ହୋଇ ନଥାଏ । ସେମାନଙ୍କର ନିଦର୍ଶନ ପ୍ରକାଶିତ ହୋଇଥାଏ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-122-123, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ ଏଥି ସଂକ୍ରାନ୍ତରେ ଏକ ସ୍ଥାନରେ ବର୍ଣ୍ଣନା କରନ୍ତି ଯେ, "ମୁଁ ଖଦିଜା ର.ଅଙ୍କ ସାକ୍ଷ୍ୟରୁ ଆଖିକୁ ବନ୍ଦ କରିପାରିବି ନାହିଁ । ଅର୍ଥାତ୍ ହ. ଖଦିଜା ର.ଅଙ୍କ ସାକ୍ଷ୍ୟକୁ ଅଣଦେଖା କରି ପାରିବି ନାହିଁ। କାରଣ ହ. ଖଦିଜା ର.ଅ ଅବତାତ୍ୱର ପ୍ରାରମ୍ଭିକ କାଳରେ ସାକ୍ଷ୍ୟ ଦେଇଥିଲେ। ହୁଜୁର ଅ.ସ ଯେତେବେଳେ ଈଶ୍ୱରଙ୍କ ବାଣୀ ଶୁଣିଲେ ଏବଂ ଦେଖିଲେ ଯେ, ଯେତେବେଳେ ଆପଣ ସ.ଅ କହିଲେ, ହେ ଖଦିଜା ! ମୁଁ ଡରୁଛି ଯେ, ସମସ୍ତ ସଂସାର ସେହି ଉପଦେଶର (ଏକେଶ୍ୱବାଦର ଉପଦେଶର) ବିରୁଦ୍ଧାଚରଣ ହୋଇଯିବ। ହ. ଖଦିଦା ର.ଅ କହିଲେ, ହେ ମୁହମ୍ମଦ୍ ସ.ଅ ! ଆପଣ ସ.ଅ ପ୍ରସନ୍ନ ହୋଇ ଯାଆନ୍ତୁ । କାରଣ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଈଶ୍ୱର ଆପଣ ସ.ଅଙ୍କୁ କେବେ ବି ତିରସ୍କୃତ କରିବେ ନାହିଁ। ଲୋକମାନେ ଯାହା କହୁଛନ୍ତି କୁହନ୍ତୁ । କିନ୍ତୁ ଆପଣ ସ.ଅ ପ୍ରସନ୍ନ ହୋଇ ଯାଆନ୍ତୁ । ଯଦି ଏପରି କଥା ରହିଛି ତେବେ ଅଲ୍ଲାଃତାଲା ଆପଣ ସ.ଅଙ୍କୁ କେବେ ବି ତିରସ୍କୃତ କରିବେ ନାହିଁ । କାରଣ ଆପଣ ସ.ଅ ସର୍ବଦା ସଂପର୍କୀୟମାନଙ୍କୁ ଯୋଡ଼ିବା ନିମନ୍ତେ ଉଦ୍ୟମ କରିଛନ୍ତି, ସତ କହୁଛନ୍ତି, ଦୁଃଖୀ ମନୁଷ୍ୟର ଦୁଃଖକୁ ସହ୍ୟ କରିଥାଆନ୍ତି ଏବଂ ଦୀନ ଦରିଦ୍ର ବ୍ୟକ୍ତିକୁ ଦାନ ଦେଇଥାଆନ୍ତି ଓ ଆପଣ ସ.ଅ ଅତିଥି ସତ୍କାର କରନ୍ତି ଏବଂ ଉତ୍ତମ କାର୍ଯ୍ୟରେ ଆପଣ ସ.ଅ ସମୟେ ସମୟେ ସାହାଯ୍ୟ ମଧ୍ୟ କରିଥାଆନ୍ତି।" ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ କୁହନ୍ତି: "ହେ ଲୋକମାନେ! ତୁମେମାନେ ଟିକିଏ ଚିନ୍ତା କର ଯେ, 55 ବର୍ଷୀୟା ପତ୍ନି ଆପଣ ସ.ଅଙ୍କ ସହର, ଆପଣ ସ.ଅଙ୍କ ସମଗୋଷ୍ଠୀ ଯିଏ ପନ୍ଦର ବର୍ଷ ଧରି ଆପଣ ସ.ଅଙ୍କ ସହିତ ବିବାହ ବନ୍ଧନରେ ଥିଲେ, ସେ କିପରି ସାକ୍ଷ୍ୟ ଦେଲେ ? ଯେତେବେଳେ ଆପଣ ସ.ଅ ବ୍ୟାକୁଳ ଓ ଅଧୀର ଥିଲେ ସେତେବେଳେ ଆପଣ ର.ଅ (ହ. ଖଦିଜା ର.ଅ) ଏପରି ଏକ ସମୟରେ ସାକ୍ଷ୍ୟ ଦେଇଥିଲେ । ଯଦି ଆପଣ ସ.ଅଙ୍କ ମଧ୍ୟରେ ଏପରି ବୈଶିଷ୍ଟ୍ୟତା ନ ହୋଇଥାଆନ୍ତା ତେବେ ହ. ଖଦିଜା ର.ଅଙ୍କ ଏହି କଥନ ସେତେବେଳେ କଦାପି ସାନ୍ତ୍ୱନାର କାରଣ ହୋଇ ନଥାଆନ୍ତା ।"

**(ଇର୍ଶାଦାତେ ନୁର୍ , ଗ୍ରନ୍ଥଖଣ୍ଡ-2, ପୃ-330-331, ଟିପ୍ପଣୀରୁ ଉଦ୍ଧୃତ)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଶୋବେ ଅବି ତାଲିବ୍ ଠାରେ ବନ୍ଦୀ ଭଳି ଅବସ୍ଥାରେ ଯେତେବେଳେ ତୃତୀୟ ବର୍ଷ ହେବାକୁ (ବିତିବାକୁ) ଲାଗିଲା ସେତେବେଳେ ନବୀ କରୀମ୍ ସ.ଅ ଅଲ୍ଲାଃତାଲାଙ୍କ ଠାରୁ ସୂଚନା ପାଇ ନିଜର ଚଚା ଅବୁ ତାଲିବଙ୍କୁ ସୂଚନା ଦେଲେ ଯେ, ବନୁ ହାଶିମ୍ ଠାରୁ ବାସନ୍ଦର ଯେଉଁ ଚୁକ୍ତି ଖାନା କାଆବା ଠାରେ ଟଙ୍ଗା ହୋଇଥିଲା ସେହି ଚୁକ୍ତିର ସମସ୍ତ ବାକ୍ୟ ମଧ୍ୟରୁ ଅଲ୍ଲାଃତାଲାଙ୍କ ଚର୍ଚ୍ଚା ବ୍ୟତୀତ ଅନ୍ୟ ପଦକୁ ଉଇ ଖାଇ ଯାଇଥିଲେ । ଅବୁ ତାଲିବ୍ ଆଁହଜରତ୍ ସ.ଅଙ୍କ କଥା ଉପରେ ଏତେ ବିଶ୍ୱାସ ଥିଲା ଯେ, ସେ ପ୍ରଥମେ ନିଜର ଭାଇମାନଙ୍କ ସମ୍ମୁଖରେ ଆପଣ ସ.ଅଙ୍କ କଥାର ଚର୍ଚ୍ଚା କରି କହିଲେ, ମୁଁ ଈଶ୍ୱରଙ୍କ ରାଣ ଖାଇ କହୁଛି ଯେ, ମୁହମ୍ମଦ୍ ସ.ଅ ମୋତେ ଆଜି ପର୍ଯ୍ୟନ୍ତ କେବେ ବି ମିଛ କହି ନାହିଁ । କାରଣ ଅଲ୍ଲାଃତାଲା ତୁମମାନଙ୍କର ଚୁକ୍ତି ଉପରେ ଉଇକୁ ନିୟୋଜିତ କରି ଦେଇଛନ୍ତି ଏବଂ ସେମାନେ ସେହି ଚୁକ୍ତିରେ ଅଲ୍ଲାଃତାଲାଙ୍କ ନାମ ତଥା ଚର୍ଚ୍ଚା ବ୍ୟତୀତ ଅନ୍ୟ ସବୁ କିଛିକୁ ସେବନ କରିନେଇଛନ୍ତି (ଖାଇ ନେଇଛନ୍ତି)। ଯଦି ମୋର ପୁତୁରା ସତ୍ୟବାଦୀ ବାହାରିଲା ତେବେ ତୁମେମାନଙ୍କୁ ନିଜର ବାସନ୍ଦ ନିଷ୍ପତ୍ତିରୁ ଓହରିବାକୁ ପଡ଼ିବ । ଆଉ ଯଦି ମୋ ପୁତୁରା ମିଥ୍ୟାବାଦୀ ସାବ୍ୟସ୍ତ ହେଲା ତେବେ ମୁଁ ତା'କୁ ତୁମମାନଙ୍କୁ ହସ୍ତାନ୍ତର କରିଦେବି । ତୁମେମାନେ ଯଦି ଚାହିଁବ ତେବେ ତାକୁ ହତ୍ୟା କରିଦିଅ ଅବା ଯଦି ଚାହିଁବ ତାହେହେଲ ଜୀବିତ ରଖିବ । ସେମାନେ କହିଲେ, ନିଃସନ୍ଦେହ ରୂପେ ଏହା ନ୍ୟାୟ ସଙ୍ଗତ କଥା ଅଟେ । ପୁନଶ୍ଚ ଅବିଶ୍ୱାସକାରୀମାନେ ଯେତେବେଳେ ଖାନା କାଆବାକୁ ଯାଇ ଚୁକ୍ତିକୁ ଦେଖିଲେ ସେତେବେଳେ ସେମାନେ ଏହା ଦେଖିଲେ ଯେ, ଯେପରି ରସୁଲୁଲ୍ଲାଃ ସ.ଅ କହିଥିଲେ ଠିକ୍ ସେହିପରି ଉଇମାନେ ଚୁକ୍ତିକୁ ଖାଇ ଯାଇଥିଲେ । ଅତଏବ୍ କୁରୈଶ୍‌ମାନେ ନିଜ ଜାତି ସମ୍ମୁଖରେ ଲଜ୍ଜିତ ହେଲେ । **(ଅଲ୍ ୱଫା ବିଅହୱାଲିଲ୍ ମୁସ୍ତଫା, ଗ୍ରନ୍ଥଖଣ୍ଡ-1, ପୃ-315-316, ଅଲ୍ ମୁୱସ୍ସିସତୁସ୍ ସଇଦିୟାହ୍, ରିୟାଜ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଏକଦା କୁରୈଶ୍‌ମାନେ ଅତ୍‌ବା ନାମକ ଜଣେ ଅଧିପତିକୁ ଆଁହଜରତ୍ ସ.ଅଙ୍କ ସେବାରେ ପ୍ରତିନିଧି ରୂପେ ପ୍ରେରଣ କଲେ । ସେ କହିଲା, ହେ ମୁହମ୍ମଦ୍ ସ.ଅ ! ତୁମେ ଆମମାନଙ୍କର ଉପାସ୍ୟ ଦେବୋତାମାନଙ୍କୁ ନିନ୍ଦା ଓ ଅପବାଦ କାହିଁକି କରୁଛ ଓ ଆମମାନଙ୍କର ପିତୃ ପିତାମହମାନଙ୍କୁ ମାର୍ଗଭ୍ରଷ୍ଟ ବୋଲି ବିବେଚିତ କରୁଛ ? ଆପଣ ସ.ଅଙ୍କର ଯାହା କିଛି ଅଭିଳାଷା ଓ କାମନା ରହିଛି ତାହା ଆମେମାନେ ପୂରଣ କରିଦେବୁ । ଆପଣ ଏସବୁ କୃତ୍ୟରୁ ନିବୃତ୍ତ ରୁହନ୍ତୁ । ହୁଜୁର୍ ସ.ଅ ଅତ୍ୟନ୍ତ ବିନମ୍ରତା ଏବଂ ନିରବତାର ସହିତ ସେମାନଙ୍କର କଥାକୁ ଶୁଣୁଥିଲେ । ଯେତେବେଳେ ସେମାନେ ନିଜର କଥା କହି ସାରିଲେ ସେତେବେଳେ ଆପଣ ସ.ଅ ସୁରାଃ حمٓ فصلت ର କେତେକ ଆୟତ୍ (ସୂକ୍ତି) ଆବୃତ୍ତି କଲେ ଏବଂ ଯେତେବେଳେ ଆପଣ ସ.ଅ ଏହି ଆୟତ୍ ଠାରେ ପହଞ୍ଚିଲେ ଯେ, ହେ କୁରୈଶମାନେ ! ମୁଁ ତୁମ୍ଭମାନଙ୍କୁ ସଂପର୍କରେ ଆଦ୍ ଏବଂ ସମୁଦ ଅ.ସଙ୍କ ଜାତି ଉପରେ ଅବତୀର୍ଣ୍ଣ ହୋଇଥିବା ଶାସ୍ତି ପରି ଶାସ୍ତି ଅବତୀର୍ଣ୍ଣ ହେବା ସଂପର୍କରେ ଆଶଙ୍କା କରୁଛି । ତେବେ ଅତ୍‌ବା ଆପଣ ସ.ଅଙ୍କୁ ଅଟକାଇ ଦେଲା ଏବଂ କହିଲା, ଥାଉ ଥାଉ ଆଉ ଆପଣ ଆଗକୁ କିଛି କୁହନ୍ତୁ ନାହିଁ। ଅତ୍‌ବା ଆଁହଜରତ୍ ସ.ଅଙ୍କ ପାଖରେ ଛିଡ଼ା ହୋଇଥିଲା ଏବଂ ନିଜର ସାଥିମାନଙ୍କ ପାଖକୁ ଚାଲି ଆସିଲା । ସେ କୁରୈଶମାନଙ୍କୁ ଯାଇ କହିଲା, ହେ କୁରୈଶ୍! ମୁଁ ଜାଣୁଛି ଯେ, ମୁହମ୍ମଦ୍ ସ.ଅ ଯେତେବେଳେ କୌଣସି କଥା କୁହନ୍ତି ସେତେବେଳେ ସେ କଦାପି ମିଛ କଥା କୁହନ୍ତି ନାହିଁ । ମୁଁ ଡରୁଛି ଯେ, ତୁମମାନଙ୍କ ଉପରେ ସେହି ଶାସ୍ତି ଅବତୀର୍ଣ୍ଣ ହୋଇ ନଯାଉ । **(ଅସ୍ ସିରତୁଲ୍ ହଲବିୟାହ୍, ଗ୍ରନ୍ଥଖଣ୍ଡ-1, ପୃ-428-429, ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002 ମସିହା)** ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ସତ୍ୟବାଦୀତା ସଂପର୍କରେ ଅବୁ ଜହଲ୍‌ର ସାକ୍ଷ୍ୟ ମଧ୍ୟ

## ହଦିସେ ନବୱୀ ସ.ଅ.ସ :-

**"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।**

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ମିଳେ । ହ. ଅଲୀ ର.ଅ ବର୍ଣ୍ଣନା କଲେ ଯେ, ଅବୁ ଜହଲ୍ ନବୀ କରୀମ୍ ସ.ଅଙ୍କୁ କହିଲା, ହେ ମୁହମ୍ମଦ୍ ସ.ଅ ! ଆମେମାନେ ଆପଣଙ୍କୁ ପ୍ରତ୍ୟାଖ୍ୟାନ କରୁ ନାହୁଁ, ବରଂ ଆମେମାନେ ତାହା ପ୍ରତ୍ୟାଖ୍ୟାନ କରୁଛୁ ଯାହା ଆପଣ ସ.ଅ ଘିନି ଆଣିଛନ୍ତି । **(ଯାମେ ତିର୍ମିଜି, କିତାବୁତ୍ ତଫସିରିଲ୍ କୁରଆନ୍, ବାବ୍- ଓମିନ୍ ସୁରତୁଲ୍ ଅନଆମ୍, ହଦିସ୍, ନଂ-3064)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଅଖନସ୍ ବିନ୍ ଶରିକ୍ ବଦର୍ ଯୁଦ୍ଧ ଦିନ ଅବୁ ଜହଲକୁ ଦେଖା କଲା । ସେ କହିଲା, ହେ ଅବୁଲ୍ ହକମ୍, ଏଠାରେ ମୁଁ ଆଉ ତୁମ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ନାହିଁ ଯିଏ ଆମ କଥା ଶୁଣି ପାରିବ । ତୁମେ ମୁହମ୍ମଦ୍ ସ.ଅଙ୍କ ସଂପର୍କରେ ସତ ସତ କୁହ ଯେ, କ'ଣ ମୁହମ୍ମଦ୍ ସ.ଅ ସତ୍ୟବାଦୀ ଅଟନ୍ତି ଅବା ମିଥ୍ୟାବାଦୀ ଅଟନ୍ତି ? ଅବୁ ଜହଲ୍ ଉତ୍ତର ଦେଲା ଯେ, ମୁଁ ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛି ଯେ, ମୁହମ୍ମଦ୍ ସ.ଅ ନିଃସନ୍ଦେହ ସତ୍ୟବାଦୀ ଅଟନ୍ତି ଏବଂ ମୁହମ୍ମଦ ସ.ଅ କେବେ ବି ମିଛ କହି ନାହିଁ । **(ଶରହୁସ୍ ଶିଫା, ଗ୍ରନ୍ଥଖଣ୍ଡ-1, ପୃ-303-304, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 2001 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଏକ ସ୍ଥାନରେ ବର୍ଣ୍ଣନା କରନ୍ତି ଯେ, କ'ଣ ମୁହମ୍ମଦ ସ.ଅଙ୍କ ଶତ୍ରୁମାନେ ନିଜର ବାର୍ତ୍ତାବହଙ୍କୁ ଚିହ୍ନିଲେ ନାହିଁ ଯେ, ସେମାନେ ତାହାଙ୍କୁ ଅସ୍ୱୀକାର କରୁଛନ୍ତି । ଅର୍ଥାତ୍ ଏହା କେତେ ଆଶ୍ଚର୍ଯ୍ୟକର ଓ ବିଚିତ୍ର କଥା ଯେ, ସେମାନେ 40 ବର୍ଷ ପର୍ଯ୍ୟନ୍ତ ମୁହମ୍ମଦ୍ ସ.ଅଙ୍କୁ ଦେଖିଲେ । ଆପଣ ସ.ଅଙ୍କ ଚରିତ୍ର, ଅଭ୍ୟାସକୁ ଅବଲୋକନ କଲେ ଏବଂ ସେମାନେ ନିଜର ପ୍ରତ୍ୟେକ୍ଷଦର୍ଶୀ ସାକ୍ଷ୍ୟ ମାଧ୍ୟମରେ ଉକ୍ତ ପ୍ରସଙ୍ଗକୁ ସ୍ୱୀକାର କରିନେଲେ ଯେ, ମୁହମ୍ମଦ୍ ସ.ଅ ଅତ୍ୟନ୍ତ ସତ୍ୟ ବାଦୀ ବ୍ୟକ୍ତି ଅଟନ୍ତି । କିନ୍ତୁ ଯେତେବେଳେ ସେହି ସତ୍ୟବାଦୀ ଦାସ ଜଣକ ଏହା କହିଲା ଯେ, ମୋତେ ଈଶ୍ୱରଙ୍କ ତରଫରୁ ତୁମମାନଙ୍କ ମାର୍ଗଦର୍ଶନ ସକାଶେ ଅବତୀର୍ଣ୍ଣ କରାଯାଇଛି ସେତେବେଳେ ସେମାନେ ଏହାର ବିରୋଧ ନିମନ୍ତେ ଛିଡ଼ା ହୋଇଗଲେ। ଯଦି କୌଣସି ଅପରିଚିତ ବ୍ୟକ୍ତି ଏକଥା କହି ଥାଆନ୍ତା ତେବେ ସେ କ୍ଷମ୍ୟ ବୋଲି ମନେକରାଯାଇ ପାରିଥାଆନ୍ତା ଏବଂ ତା' ସଂପର୍କରେ ଏହି ଧାରଣା ବ୍ୟକ୍ତ କରାଯାଇ ପାରିଥାଆନ୍ତା ଯେ, ଯେହେତୁ ମୁହମ୍ମଦ ସ.ଅଙ୍କୁ ସେ ଦେଖି ନାହିଁ ତେଣୁ ସେଇଥି ପାଇଁ ସେ ଆପଣ ସ.ଅଙ୍କ ଆଡ଼କୁ ଏକଥା ଇଙ୍ଗିତ କରୁଛି ଯେ, ଆପଣ ସ.ଅ **ନାଉଜୁବିଲ୍ଲାଃ** ଈଶ୍ୱରଙ୍କ ଆଡ଼କୁ ମିଥ୍ୟାରଚନା କରିଛନ୍ତି । କିନ୍ତୁ ମକ୍କାରେ ବାସ କରୁଥିବା ଲୋକମାନେ ଯାହାଙ୍କ ସମ୍ମୁଖରେ ମୁହମ୍ମଦ୍ ସ.ଅଙ୍କ ସମଗ୍ର ଜୀବନ ଏକ ଖୋଲା ବହି ପରି ଥିଲା ସେମାନେ ଆପଣ ସ.ଅଙ୍କୁ କିପରି ମିଥ୍ୟାବାଦୀ ବିବେଚନା କରିବାକୁ ଲାଗିଗଲେ.....? ଏହା କିପରି ସମ୍ଭବପର ଥିଲା ଯେ, ଆପଣ ସ.ଅଙ୍କୁ ମିଥ୍ୟାବାଦୀ କହୁଥିଲେ । କିନ୍ତୁ ସେମାନେ ହୃଦୟରେ ସ୍ୱୀକାର କରୁଥିଲେ ଯେ, ଆପଣ ସ.ଅ ସତ୍ୟବାଦୀ ଅଟନ୍ତି । ଅବୁ ଜହଲ୍ ଆଁହଜରତ୍ ସ.ଅଙ୍କ ଚିର ଶତ୍ରୁ ଥିଲା । ବର୍ତ୍ତମାନ ପୂର୍ବେ ମଧ୍ୟ ଏକ ସାକ୍ଷ୍ୟ ମିଳିଛି । କିନ୍ତୁ ସେ ମଧ୍ୟ ଏକ ଅବସରରେ କହିଦେଲା ଯାହାକୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରିଛନ୍ତି ଯେ, ହେ ମୁହମ୍ମଦ୍ ସ.ଅ ! ମୁଁ ତୁମକୁ ମିଥ୍ୟାବାଦୀ କହୁ ନାହିଁ। ମୁଁ ତ' ସେହି ଶିକ୍ଷାକୁ ଖଣ୍ଡନ କରୁଛୁ ଯେଉଁ ଶିକ୍ଷା ତୁମ୍ଭେ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥାପିତ କରୁଛ । ଅର୍ଥାତ୍ ଅବୁ ଜହଲ୍ ପରି ଶତ୍ରୁ ଏବଂ ଆଭ୍ୟନ୍ତର ହୃଦୟ କଳା ଥିବା ବ୍ୟକ୍ତି ମଧ୍ୟ ଆଁହଜରତ୍ ସ.ଅଙ୍କୁ ମିଥ୍ୟାବାଦୀ କହିବା ନିମନ୍ତେ ପ୍ରସ୍ତୁତ ନଥିଲା । ଅର୍ଥାତ୍ ମିଥ୍ୟାବାଦୀ କହିବା ସମୟରେ ତା'ର ବିବେକ ମଧ୍ୟ ତାକୁ ଭର୍ତ୍ସନା କରୁଥିଲା ଏବଂ ତା'ର ହୃଦୟ ମଧ୍ୟ ସ୍ପନ୍ଦିତ ହେବାକୁ ଲାଗିଥିଲା ଯେ, ମୁଁ କିଭଳି ଘୃଣ୍ୟ ଆଚରଣ ପ୍ରଦର୍ଶନ କରୁଛି ? କିନ୍ତୁ ସେ ଏହି ଆଳ କଲା ଯେ, ମୁଁ ତ' ମୁହମ୍ମଦ୍ ସ.ଅଙ୍କ ଶିକ୍ଷାକୁ ଖଣ୍ଡନ ଓ ପ୍ରତ୍ୟାଖ୍ୟାନ କରୁଛି । ମୁଁ ଆପଣ ସ.ଅଙ୍କୁ ପ୍ରତ୍ୟାଖ୍ୟାନ କରୁ ନାହିଁ କି ଆପଣ ସ.ଅଙ୍କୁ ମିଥ୍ୟାବାଦୀ ବୋଲି କହୁ ନାହିଁ । ଅବୁ ଜହଲ୍‌ର ଉକ୍ତ କଥାଟି ପାପ ଠାରୁ ବି ଅତି ଭୟଙ୍କର ପାପମୂଳକ କଥା ଅଟେ । କିନ୍ତୁ ସେ ଯାହା ହେଉ ତହିଁରୁ ସେହି ପ୍ରଭାବର ଆକଳନ କରାଯାଇ ପାରିବ ଯାହା ପରମ ବିରୋଧୀ ଶତ୍ରୁର ହୃଦୟରେ ମଧ୍ୟ ଆପଣ ସ.ଅଙ୍କ ସତ୍ୟତା ଏବଂ ସତ୍ୟବାଦୀତା ଯୋଗୁଁ ସ୍ଥାପିତ ହୋଇ ସାରିଥିଲା । ଉମୈୟା ବିନ୍ ଖଲଫ୍ ମଧ୍ୟ ଆପଣ ସ.ଅଙ୍କ ଚିର ଶତ୍ରୁ ଥିଲା । କିନ୍ତୁ ଏକ ଅବସରରେ ତା' ତୁଣ୍ଡରୁ ମଧ୍ୟ ଉକ୍ତ ଶବ୍ଦ ନିଃସୃତ ହୋଇଗଲା ଏବଂ ସେ କହିଲା, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଯେତେବେଳେ ମୁହମ୍ମଦ ସ.ଅ କଥା କୁହେ ସେତେବେଳେ ସେ ସତ କଥା କହିଥାଏ । ସେ କେବେ ମିଛ କଥା କହେ ନାହିଁ । କୁହୁକ ତାହା ଅଟେ ଯାହା ମୁଣ୍ଡ ଉପରେ ଚଢ଼ିକି କଥା (ନାଚିଥାଏ) କହିଥାଏ । ମୁହମ୍ମଦ ସ.ଅଙ୍କ କୁହୁକ ହେଉଛି ଆପଣ ସ.ଅ ନିଜର ଶତ୍ରୁମାନଙ୍କ ଠାରୁ ନିଜର ସତ୍ୟତା ଏବଂ ସତ୍ୟବାଦୀତାର ସ୍ୱୀକାରୋକ୍ତି ପ୍ରକାଶ କରାଇ ନେଇଥିଲେ । **(ତଫସିର୍ କବିର୍, ଗ୍ରନ୍ଥଖଣ୍ଡ-8, ପୃ-363-364, ସଂସ୍କରଣ ବର୍ଷ-2023 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବଦୁଲ୍ଲାଃ ବିନ୍ ସଲାମ୍ ର.ଅ ବର୍ଣ୍ଣନା କଲା ଯେ, ଯେତେବେଳେ ଆଁହଜରତ୍ ସ.ଅ ମଦିନା ଆସିଲେ ସେତେବେଳେ ଲୋକମାନେ ଦ୍ରୁତ ଗତିରେ ଆପଣ ସ.ଅଙ୍କ ଆଡ଼କୁ ଧାଇଁଲେ ଏବଂ ଲୋକମାନେ କହିବାକୁ ଲାଗିଲେ ଯେ, ରସୁଲୁଲ୍ଲାଃ ସ.ଅ ଆସି ସାରିଛନ୍ତି, ରସୁଲୁଲ୍ଲାଃ ସ.ଅ ଆସି ସାରିଛନ୍ତି, ରସୁଲୁଲ୍ଲାଃ ସ.ଅ ଆସି ସାରିଛନ୍ତି । ତିନି ଥର ଏପରି କୁହାଗଲା । ସେ (ଅର୍ଥାତ୍ ହ. ଅବଦୁଲ୍ଲାଃ ବିନ୍ ସଲାମ୍ ର.ଅ) ମଧ୍ୟ କହିଲେ, ମୁଁ ମଧ୍ୟ ଲୋକମାନଙ୍କ ସହିତ ଗଲି । କାରଣ ମୁଁ ବି ଆପଣ ସ.ଅଙ୍କୁ ଟିକେ ଦେଖି ଆସିବି । ଯେତେବେଳେ ମୁଁ ଆପଣ ସ.ଅଙ୍କ ଚେହେରା ଭଲ ଭାବରେ ଦେଖିନେଲି ସେତେବେଳେ ମୁଁ ଆପଣ ସ.ଅଙ୍କ ଚିହ୍ନି ପକାଇଲି । କାରଣ ଆପଣ ସ.ଅଙ୍କ ଚେହେରା ମିଥ୍ୟାବାଦୀର ଚେହେରା ନୁହେଁ । ଆପଣ ସ.ଅ ଯେଉଁ ପ୍ରଥମ କଥା କହିଲେ, ତାହା ମଧ୍ୟ ମୁଁ ଶୁଣିଲି । ଆପଣ ସ.ଅ କହିଲେ, ହେ ଲୋକମାନେ ! ତୁମେମାନେ ସଲାମ୍ (ଅନ୍ୟକୁ ନମସ୍କାର) କରିବାର ପ୍ରଥା ପ୍ରଚଳନ କର । ଦୀନ ଦରିଦ୍ର ଲୋକମାନଙ୍କୁ ଆହାର ଖୁଆଅ ଏବଂ ସଂପର୍କୀୟମାନଙ୍କ ପ୍ରତି ଦୟା ପ୍ରଦର୍ଶନ କର, ସେମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କର ଏବଂ ରାତ୍ର ସମୟରେ ଯେତେବେଳେ ଲୋକମାନେ ଶୋଇଥାଆନ୍ତି ସେତେବେଳେ ତୁମେମାନେ ନିଜେ ଉଠି ନମାଜ୍ ପାଠ କର । କାରଣ ଏପରି କୃତ୍ୟ ତୁମମାନଙ୍କୁ ସ୍ୱର୍ଗଗାମୀ କରାଇବ ଏବଂ ତୁମେମାନେ ସ୍ୱର୍ଗ ମଧ୍ୟରେ ପ୍ରବିଷ୍ଟ ହୋଇଯିବ । **(ସୁନନ୍ ଇବ୍‌ନେ ମାଜା, କିତାବୁଲ୍ ଅତ୍‌ଇମତି, ବାବ୍- ଇତ୍‌ଆମୁତ୍ ତାଆମି, ହଦିସ୍ ନଂ-3251)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମଦିନାର ଇହୁଦୀମାନେ ମଧ୍ୟ ସାକ୍ଷ୍ୟ ପ୍ରଦାନ କରିବାକୁ ଲାଗିଲେ । ସେମାନଙ୍କର ସାକ୍ଷ୍ୟ ମଧ୍ୟ ମିଳେ । ମୁସଲମାନ ଏବଂ ଇହୁଦୀ ସଂପ୍ରଦାୟ ମଧ୍ୟରେ ପାରସ୍ପାରିକ ସହଯୋଗ ଏବଂ ଚୁକ୍ତି ଥିଲା । ଅହଜାବ୍ ଯୁଦ୍ଧ ସମୟରେ ବନୁ ନୁଜୈର୍ ସଂପ୍ରଦାୟର ଅଧିପତି ହୁୟଇ ବିନ୍ ଅଖ୍‌ତବ୍ ବନୁ କୁରୈଜା ସଂପ୍ରଦାୟ ସହିତ କାଆବ୍ ବିନ୍ ଅସଦ୍ କର୍ଜ ଅଧିପତି ପାଖକୁ ଗଲା ଏବଂ ତାକୁ ମୁସଲମାନମାନଙ୍କ ସହିତ ଚୁକ୍ତି ଭଙ୍ଗ କରିବା ଏବଂ କୁରେଶ୍‌ମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ରାଜି କରାଇବା ନିମ୍ନତେ ଚେଷ୍ଟା କଲା । କାରଣ ମୁସଲମାନମାନଙ୍କୁ ପରାଜିତ କରାଯାଇ ପାରିବ । ଇତ୍ୟବସରରେ କାଆବ୍ ବିନ୍ ଅସଦ୍ ଯେକି ବନୁ କୁରୈଜା ସଂପ୍ରଦାୟର ଅଧିପତି ଥିଲା ଏବଂ ସେ ମୁସଲମାନମାନଙ୍କର ଶତ୍ରୁ ଥିଲା, ସେ କହି ଉଠିଲା ଯେ, ମୁଁ ମୁହମ୍ମଦ୍ ସ.ଅଙ୍କ ସହିତ ଚୁକ୍ତି କରିଛି ଏବଂ ମୁଁ କଦାପି ଉକ୍ତ ଚୁକ୍ତିକୁ ଭଙ୍ଗ କରିବି ନାହିଁ । ମୁଁ ଆପଣ ସ.ଅଙ୍କ ଠାରୁ ବିଶ୍ୱସ୍ତତା ଏବଂ ସତ୍ୟନିଷ୍ଠତା ବ୍ୟତୀତ ଅନ୍ୟ କିଛି ଦେଖି ନାହିଁ । **(ଅଲ ବଦାୟା ଓନ୍ ନହାୟିୟାହ୍, ଗ୍ରନ୍ଥଖଣ୍ଡ-6, ପୃ-35-36, ପ୍ରକାଶନ ସ୍ଥାନ- ଦାରେ ହିଜର୍ ଲିତ୍ ତବାଅତି ଓନ୍ ନଶ୍ରି, 1997 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଏକ ବର୍ଣ୍ଣନା ମଧ୍ୟ ରହିଛି । ଉବୈଦ୍ ବିନ୍ ଉମୈର୍ ବର୍ଣ୍ଣନା କରନ୍ତି ଯେ, ସେ ଜଣେ ବ୍ୟକ୍ତିକୁ ହ. ଉମର୍ ର.ଅଙ୍କ ସହିତ କଥାବାର୍ତ୍ତା ହେଉଥିବାର ଶୁଣିଲା । ସେହି ବ୍ୟକ୍ତି ଜଣକ ହ. ଉମର୍ ର.ଅଙ୍କୁ କହିଲା, ହେ ଉମର୍ ! କ'ଣ ଆପଣ ର.ଅ ଆଁହଜରତ୍ ସ.ଅଙ୍କୁ ଏହା କହୁଥିବାର ଶୁଣି ନାହାନ୍ତି ଯେ, ମୁଁ ଥଟ୍ଟା ଅବଶ୍ୟ କରିଥାଏ । କିନ୍ତୁ ତହିଁରେ ମଧ୍ୟ କେବଳ ମୁଁ ସତ କଥା ହିଁ କହିଥାଏ । ପ୍ରତ୍ୟୁତ୍ତରରେ ହ. ଉମର୍ ର.ଅ ଉତ୍ତର ଦେଲେ ଯେ, ହଁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବହଜ୍ ବିନ୍ ହକିମ୍ ନିଜର ଦଦା (ଜେଜେ ବାପା)ଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କୁ କହୁଥିବାର ଶୁଣିଲେ ଯେ, ସର୍ବନାଶ ହେଉ ସେହି ବ୍ୟକ୍ତିର ଯିଏ କଥା କହିଲା ବେଳେ ମିଛ କହିଥାଏ । କାରଣ ତା'ର ମିଛ କହିବା ଯୋଗୁଁ ଲୋକମାନେ ଯେପରି ହସି ପଡ଼ନ୍ତୁ । ତା'ର ସର୍ବନାଶ ହେଉ, ତା'ର ସର୍ବନାଶ ହେଉ । ଅତଏବ୍ ସାମାନ୍ୟ ମିଛ କଥା କହିବାରୁ ମଧ୍ୟ ଆପଣ ସ.ଅ ଅତ୍ୟନ୍ତ କଠୋରତାର ସହିତ ବାରଣ କରିଛନ୍ତି ଏବଂ ସାବଧାନ ଓ ସତର୍କ କରାଇ ଦେଇଛନ୍ତି। **(ସୁନନ୍ ଅବୁ ଦାଉଦ୍, ବାବ୍-କିତାବତୁଲ୍ ଇଲ୍‌ମି, ହଦିସ୍ ନଂ- 3646)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସତ୍ୟତା ଏବଂ ସତ ହିଁ ତୁଣ୍ଡରୁ ନିଃସୃତ ହେବ । ତେଣୁ ନିଃସନ୍ଦେହ ରୂପେ ତୁମେମାନେ ସତ କଥାକୁ ଲେଖିନିଅ । ଅତ୍ୟନ୍ତ ସୂକ୍ଷ୍ମତାର ସହିତ ଆପଣ ସ.ଅ ମିଛ କଥା ବିରୁଦ୍ଧରେ ଲୋକମାନଙ୍କୁ ଉପଦେଶ ଦେଉଥିଲେ । ପୂର୍ବେ ମଧ୍ୟ ଚର୍ଚ୍ଚା କରାଯାଇଛି ଯେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବଦୁଲ୍ଲାଃ ବିନ୍ ଆମିର୍ ର.ଅ ବର୍ଣ୍ଣନା କରନ୍ତି ଯେ, ଦିନେ ମୋର ମାତାଶ୍ରୀ ମୋତେ ଡାକିଲେ ଏବଂ ରସୁଲୁଲ୍ଲାଃ ସ.ଅ ସେତେବେଳେ ଆମ ଘରେ ବିରାଜମାନ ଥିଲେ । ମୋର ମାତାଶ୍ରୀ କହିଲେ,

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ପୁତ୍ର ! ତୁମେ ଏପଟେ ଆସ ମୁଁ ତୁମକୁ କିଛି ଜିନିଷ ଦେବେ । ରସୁଲୁଲ୍ଲାଃ ସ.ଅ ତାଙ୍କୁ କହିଲେ, ମାତା ! ଆପଣ ଅବ୍ଦୁଲ୍ଲାଃଙ୍କୁ କ'ଣ ଦେବେ ? ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ତା'କୁ ଖଜୁରୀ କୋଳି ଦେବି । ରସୁଲୁଲ୍ଲାଃ ସ.ଅ ତାଙ୍କୁ କହିଲେ, ହେ ମାତାଶ୍ରୀ ! ଆପଣ ଯଦି ତାଙ୍କୁ କିଛି ବି ଜିନିଷ ନ ଦେଇଥାଆନ୍ତେ ତେବେ ଆପଣଙ୍କର କର୍ମ ଖାତାରେ ଗୋଟିଏ ମିଛ ଲେଖା ହୋଇଥାଆନ୍ତା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏ ହେଉଛି ସୂକ୍ଷ୍ମ ପ୍ରସଙ୍ଗ । **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଅଦବ୍, ବାବ୍- ଅତ୍ ତଶ୍‌ଦିଦି ଫିଲ୍ କିଜ୍‌ବି, ହଦିସ୍ ନଂ-4991)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ରସୁଲ୍ କରୀମ୍ ସ.ଅଙ୍କ ବ୍ୟକ୍ତିଗତ ମର୍ଯ୍ୟାଦା ତ' ସତ୍ୟ ସଂପର୍କରେ ଏତେ ଉଚ୍ଚ ଥିଲା ଯେ, ଆପଣ ସ.ଅଙ୍କ ଜାତି ଆପଣ ଆପଣ ସ.ଅଙ୍କ ନାମ ସତ୍ୟବାଦୀ ରଖି ଦେଇଥିଲା । ଆପଣ ସ.ଅ ନିଜର ଜମାଅତ୍‌କୁ ମଧ୍ୟ ସତ୍ୟତା ଉପରେ ପ୍ରତିଷ୍ଠିତ ଏବଂ ଅବିଚଳ ରହିବା ନିମନ୍ତେ ସର୍ବଦା ଉପଦେଶ ଦେଉଥିଲେ । ଆପଣ ସ.ଅଙ୍କ ମର୍ଯ୍ୟାଦା ତ' ଥିଲା କିନ୍ତୁ ଆପଣ ସ.ଅ ଜମାଅତ୍‌କୁ ସତ୍ୟତା ଉପରେ ଅବିଚଳିତ ରହିବା ନିମନ୍ତେ ସର୍ବଦା ଉପଦେଶ ଦେଉଥିଲେ । ଆପଣ ସ.ଅ ଏପରି ସର୍ବୋଚ୍ଚ ସତ୍ୟାତ୍ମକ ମର୍ଯ୍ୟାଦା ସ୍ଥାପନ କରିବା ନିମନ୍ତେ ଉଦ୍ୟମ କରୁଥିଲେ ଯେ, ପ୍ରତ୍ୟେକ ପ୍ରକାରର ମିଥ୍ୟା ସନ୍ଦେହ ଠାରୁ ପବିତ୍ର ହେଉ । ଆପଣ ସ.ଅ କହୁଥିଲେ ଯେ, ସତ୍ୟ ହିଁ ସତ୍‌ମାର୍ଗ ଆଡ଼କୁ ଧ୍ୟାନ ଆକର୍ଷିତ କରିଥାଏ ଏବଂ ପୁଣ୍ୟ ହିଁ ମନୁଷ୍ୟକୁ ସ୍ୱର୍ଗ ପ୍ରଦାନ କିରଥାଏ । ସତ୍ୟର ପ୍ରକୃତ ମର୍ଯ୍ୟଦା ଏହିକି ଯେ, ମନୁଷ୍ୟ ସତ କଥା କହିଚାଲୁ ଏପର୍ଯ୍ୟନ୍ତକି ସେ ଈଶ୍ୱରଙ୍କ ନିକଟରେ ସତ୍ୟବାଦୀ ବୋଲି ପରିଗଣିତ ହେବ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକଦା ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ଜଣେ ବ୍ୟକ୍ତି ବନ୍ଦୀ ହୋଇ ଆସିଲା । ସେହି ବ୍ୟକ୍ତି ମୁସଲମାନମାନଙ୍କର ହତ୍ୟାର କାରଣ ପାଲଟି ଥିଲା । ହ. ଉମର୍ ର.ଅ ଏହା ମନେକରୁଥିଲେ ଯେ, ଏହି ବ୍ୟକ୍ତି ଜଣକ ବଧ ଯୋଗ୍ୟ ଅଟେ ଏବଂ ଆପଣ ର.ଅ ବାରମ୍ବାର ଆଁହଜରତ୍ ସ.ଅଙ୍କ ଆଡ଼କୁ ଦେଖୁଥିଲେ। କାରଣ ଯଦି ଆପଣ ସ.ଅ ଇଙ୍ଗିତ କରିବେ ତେବେ ହ. ଉମର୍ ର.ଅ ସେହି ବ୍ୟକ୍ତିର ସଂହାର କରିଦେବେ । ଯେତେବେଳେ ସେହି ବ୍ୟକ୍ତି ଜଣକ ସେଠାରୁ ଉଠି ଚାଲିଗଲା ସେତେବେଳେ ହ. ଉମର୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଏହି ବ୍ୟକ୍ତି ସଂହାର ଯୋଗ୍ୟ ଥିଲା । ଆପଣ ସ.ଅ କହିଲେ, ହେ ଉମର୍ ! ଯଦି ସଂହାର ଯୋଗ୍ୟ ଥିଲା ତେବେ ତୁମେ ସେହି ବ୍ୟକ୍ତିର ସଂହାର କଲ ନାହିଁ କାହିଁକି ? ପ୍ରତ୍ୟୁତ୍ତରରେ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଯଦି ଆଖିରୁ ଇଙ୍ଗିତ କରିଦେଇ ଥାଆନ୍ତେ ତାହାହେଲେ ମୁଁ ଏପରି କରି ଦେଇଥାଆନ୍ତି । ଅର୍ଥାତ୍ ଉକ୍ତ ବ୍ୟକ୍ତିର ସଂହାର କରିଦେଇ ଥାଆନ୍ତି । ଆପଣ ସ.ଅ କିହଲେ, ହେ ଉମର୍ ! ଅବତାରମାନେ ଧୋକାବାଦଜ୍ (ଛଳନାକାରୀ) ହୁଅନ୍ତି ନାହିଁ । ଏହା କିପରି ସମ୍ଭବପର ଥିଲା ଯେ, ମୁଁ ତୁଣ୍ଡରୁ ତ' ସେହି ବ୍ୟକ୍ତି ସହିତ ପ୍ରେମପୂର୍ଣ୍ଣ ତଥା ମିଠା ମିଠା କଥା କହିବି ଓ ଆଖିରୁ ସେହି ବ୍ୟକ୍ତିକୁ ସଂହାର କରିବା ନିମନ୍ତେ ତୁମକୁ ଇଙ୍ଗିତ କରିବି ?"

**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-418)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ହ. ଉମର୍ ର.ଅଙ୍କୁ କହିଲେ, ଏପରି ହୋଇପାରିବ ନାହିଁ । ଏହା ତ' ଧୋକା ଅଟେ ଏବଂ ମୋ ଦ୍ୱାରା ଏପରି କୃତ୍ୟ କଦାପି ହୋଇ ପାରିବ ନାହିଁ । ଅତଏବ୍ ଆଁହଜରତ୍ ସ.ଅ ଯେଉଁଠି ସତ୍ୟତା ଏବଂ ସ୍ୱଚ୍ଛ କଥନର ସ୍ତର ସ୍ଥାପନ କଲେ ସେଠାରେ ଶତ୍ରୁ ମଧ୍ୟ ସ୍ୱୀକାର କରି ରହି ପାରିଲା ନାହିଁ ଯେ, ଆପଣ ସ.ଅ ସତ୍ୟବାଦୀ ଅଟନ୍ତି । ସେହିପରି ଆପଣ ସ.ଅ ନିଜର ଅନୁଗାମୀମାନଙ୍କୁ ମଧ୍ୟ ସତ୍ୟତାର ସର୍ବୋଚ୍ଚ ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ମଧ୍ୟ ଅନୁପ୍ରାଣିତ କରିଛନ୍ତି । ଅତଏବ୍ ଆଜି ପ୍ରତ୍ୟେକ ଅହମଦିର ଏହି କର୍ତ୍ତବ୍ୟ ରହିଛି ଯେ, ଆମୋନଙ୍କୁ ନିଜର ଆତ୍ମସମୀକ୍ଷା କରିବା ଉଚିତ୍ । କାରଣ ଆମମାନଙ୍କର ସତ୍ୟତାର ସ୍ତର କ'ଣ ଅଟେ? ଆମମାନଙ୍କ ମଧ୍ୟରେ ଯେଉଁ ଦୋଷ ଦୁର୍ବଳତା ରହିଛି ତାହା ଆମେମାନଙ୍କୁ ଦୂର କରିବା ଉଚିତ୍ । ଅଲ୍ଲାଃତାଲା ଏଥି ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ନମାଜ୍ ଜୁମା ପରେ ମୁଁ ଗୋଟିଏ ନମାଜ୍ ଯନାଜାଃ ପାଠ କରିବି । ସେହି ଯନାଜାଃଟି ହେଲା ଶାହିଦା ଅହମଦ୍ ସାହିବାଙ୍କର । ଆପଣ ମିର୍ଜା ନସିମ୍ ଅହମଦ ସାହେବଙ୍କର ପତ୍ନି ଥିଲେ । ବିଗତ ଦିନ 91 ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । انا للہ وانا الیہ راجعون । ସ୍ୱର୍ଗତା ମୁସିୟାହ୍ (ଓସିୟତ୍ କରିଥିଲେ) ଥିଲେ । ସ୍ୱର୍ଗତା ହ. ମସିହ୍ ମଉଦ୍ ଅ.ସଙ୍କ ନାତୁଣୀ, ହ. ନୱାବ୍ ଅବ୍ଦୁଲ୍ଲାଃ ଖାନ୍ ସାହେବ ଏବଂ ହ. ସାହିବଜାଦି ଅମତୁଲ୍ ହଫିଜ୍ ବେଗମ୍ ସାହେବାଙ୍କର କନ୍ୟା ଥିଲେ । ସ୍ୱର୍ଗତାଙ୍କର 4ଟି ପୁତ୍ର ସନ୍ତାନ ଅଛନ୍ତି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କର ଜ୍ୟେଷ୍ଠ ପୁତ୍ର (ବଡ଼ ପୁଅ) ନୁମାନ୍ ଉଲ୍ଲେଖ କରିଛନ୍ତି ଯେ, "ପ୍ରତ୍ୟେକ ବ୍ୟକ୍ତି ଏହା କହୁଛି ଯେ, ମାତାଶ୍ରୀ ମୋତେ ବହୁତ ଭଲ ପାଉଥିଲେ । ମାତାଶ୍ରୀ ଲୋକମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିଲେ। ପୁନଶ୍ଚ ଘର କଥା ସଂପର୍କରେ କୁହନ୍ତି ଯେ, ମାତାଶ୍ରୀ ଏହି ଇଚ୍ଛା ବ୍ୟକ୍ତ କରୁଥିଲେ ଯେ, ସବୁବେଳେ ଲୋକମାନେ ତାଙ୍କ ଘରେ ଥାଆନ୍ତୁ ଏବଂ ଅତିଥିମାନଙ୍କର ସେବା କରିବାକୁ ସେ ବହୁତ ଭଲ ପାଉଥିଲେ। କେବଳ ସେତିକି ନୁହେଁ ବରଂ ମାତାଶ୍ରୀ ଅବଶୋଷ କରୁଥିଲେ ଯେ, ମୋତେ ଯଦି ସାମର୍ଥ୍ୟ ପ୍ରାପ୍ତ ହୁଏ ତେବେ ମୁଁ ନିଜର ଘରକୁ ଆହୁରି ବଡ଼ କରିନେବି । କାରଣ ମୋ ଘରକୁ ଅତିଥିମାନେ ଆସୁ ଥାଆନ୍ତୁ ଏବଂ ସେମାନଙ୍କ ନିମନ୍ତେ କୋଠରୀ ଉପଲବ୍ଧ ହୋଇଯାଉ। "

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କର କନିଷ୍ଠ ପୁତ୍ର (ସାନ ପୁଅ) ରିଜ୍‌ୱାନ୍ ସାହେବ ଉଲ୍ଲେଖ କରନ୍ତି: "ମାତାଶ୍ରୀ ଅସଂଖ୍ୟ ସୁଗୁଣାବଳୀର ଅଧିକାରୀଣୀ ଥିଲେ। ମାତାଶ୍ରୀଙ୍କ ବିୟୋଗ ପରେ ଧନୀ, ଦରିଦ୍ର, ବଡ଼, ସାନ ଲୋକମାନଙ୍କର ସନ୍ଦେଶ ଆସୁଛି ଯେ, ମାତାଶ୍ରୀ କିପରି ସେମାନଙ୍କ ମଧ୍ୟରେ ନିଜର ପ୍ରେମ ବାଣ୍ଟିଥିଲେ ଏବଂ ସେମାନଙ୍କ ସହିତ ବ୍ୟକ୍ତିଗତ ସଂପର୍କ ସ୍ଥାପନ କରିଥିଲେ । ମାତାଶ୍ରୀ ସମସ୍ତଙ୍କୁ ବହୁତ ଭଲ ପାଉଥିଲେ ଏବଂ ସମସ୍ତ ମନରେ ବସା ବାନ୍ଧି ନେଉଥିଲେ । ବିଶେଷ କରି ଯେଉଁ ଲୋକମାନେ କୌଣସି କାରଣ ବଶତଃ ଚିନ୍ତିତ କିମ୍ବା ବିପଦଗ୍ରସ୍ତ ହେଉଥିଲେ ସେହି ଲୋକମାନଙ୍କର ମାତାଶ୍ରୀ ବିଶେଷ ରୂପେ ଯତ୍ନ ନେଉଥିଲେ । ମାତାଶ୍ରୀ ଦୁର୍ବଳ ବ୍ୟକ୍ତିମାନଙ୍କ ସହିତ ସର୍ବଦା ଛିଡ଼ା ହେଉଥିଲେ । ମାତାଶ୍ରୀ ଆମମାନଙ୍କୁ ଏବଂ ଆମ ସନ୍ତାନମାନଙ୍କୁ ମଧ୍ୟ ଅଭାବି ଓ ଦୁର୍ବଳ ଲୋକମାନଙ୍କୁ ସାହାଯ୍ୟ ଓ ସମର୍ଥନ ଜଣାଇବାକୁ ଅନୁପ୍ରାଣିତ କରୁଥିଲେ । ମାତାଶ୍ରୀଙ୍କ ମଧ୍ୟରେ ଦୃଢ଼ ଇଚ୍ଛାଶକ୍ତି ଏବଂ ସତ୍‌ସାହସ ଅଧିକ ରହିଥିଲା ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ଗୁଣାବଳୀ ତ' ମୁଁ ସ୍ୱର୍ଗତାଙ୍କ ମଧ୍ୟରେ ଦେଖିଥିଲି। **ମାଶାଅଲ୍ଲାଃ** । ସ୍ୱର୍ଗତା ଅତ୍ୟନ୍ତ ସାହସୀନୀ ଓ ଦୃଢ଼ ଇଚ୍ଛାଶକ୍ତି ସମ୍ପନ୍ନ ମହିଳାଟିଏ ଥିଲେ। ସେହିପରି ସ୍ୱର୍ଗତାଙ୍କର ଭଉଣୀ ଫୌଜିୟା ଶମିମ୍ ସାହେବା ଯେକି ଲାହୋର୍‌ର ସଦର୍ ଲଜ୍‌ନା ମଧ୍ୟ ରହି ସାରିଛନ୍ତି, ସେ କୁହନ୍ତି ଯେ, ମୁଁ ନିଜ ଭଉଣୀଙ୍କ ସଂପର୍କରେ କିଛି ଶବ୍ଦ କହିବି । ଅପା ବଳିଦାନକାରୀଣୀ, ଧୈର୍ଯ୍ୟଶୀଳା, ସାହସୀନୀ, ପ୍ରେମର ଆଲବମ୍ ଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କର ବଧୂ (ବୋହୂ) ଅମତୁଲ୍ ୱକିଲ୍ ସାହେବା କୁହନ୍ତି: "ଶାଶୁ ମା'ଙ୍କ ମଧ୍ୟରେ ଅତିଥିମାନଙ୍କର ସତ୍କାରକ ଗୁଣଟି ଅନନ୍ୟ ଥିଲା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକଥା ସମସ୍ତ ସନ୍ତାନମାନେ ଲେଖିଛନ୍ତି ଏବଂ ଅନ୍ୟ ଲୋକମାନେ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଅତିଥିମାନଙ୍କର ଅତିଥି ସତ୍କାର କରିବାର ଯେଉଁ ପନ୍ଥା ରହିଥିଲା ତାହା ସଂପୂର୍ଣ୍ଣ ରୂପେ ନିରାଡ଼ମ୍ବର ଥିଲା । ଶେଷ ବୟସରେ ଶାଶୁ ମହୋଦୟା ତଳେ ପଡ଼ି ଯାଇଥିଲେ । ଯାହା ଫଳରେ ତାଙ୍କ ଅଣ୍ଟାର ନିମ୍ନ ଭାଗରେ ଥିବା ପିଚା ହାଡ଼ଟି ଭାଙ୍ଗି ଯାଇଥିଲା । ହ୍ୱିଲ୍ ଚେୟାର୍ ସାହାଯ୍ୟରେ ସେ ଚଲାବୁଲା କରୁଥିଲେ । କିନ୍ତୁ ମାତାଶ୍ରୀ ଅତ୍ୟନ୍ତ ଧୈର୍ଯ୍ୟଶୀଳା ଏବଂ କୃତଜ୍ଞତାର ସହିତ ନିଜର ରୋଗ ଓ କଷ୍ଟକୁ ମଧ୍ୟ ସହ୍ୟ କରିଥିଲେ ଏବଂ ତିଳେମାତ୍ର ଅଭିମାନ ଏବଂ ଅଭିଯୋଗ ମଧ୍ୟ କରି ନଥିଲେ । ମତାଶ୍ରୀ ରୋଗୀଣୀ ମହିଳାଟିଏ ଥିଲେ କିନ୍ତୁ ଜଣେ ସାହସୀ ମହିଳାଟିଏ ଥିଲେ । ମାତାଶ୍ରୀ ଆମମାନଙ୍କୁ କେବେ ବି ହଇରାଣ ହରକତ୍ କରି ନାହାନ୍ତି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କର ପୌତ୍ରୀ ଖଦିଜା ସାହେବା କୁହନ୍ତି, ଜେଜେମା (ଦାଦି) ଅତିଥିମାନଙ୍କର ସେବା ଯତ୍ନ କରୁଥିଲେ । ଅତିଥିମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରୁଥିଲେ । କିନ୍ତୁ ଜେଜେମା ସମସ୍ତଙ୍କୁ ଭଲ ପାଉଥିଲେ, ସମସ୍ତଙ୍କ ପ୍ରତି ମାତୃ ବତ୍ସଳ ପରି ପ୍ରେମ ପ୍ରଦର୍ଶନ କରୁଥିଲେ । ବିଗତ କିଛି ବର୍ଷ ଧରି ଜେଜେମା ଦୁଇ ତିନି ଥର ପବିତ୍ର କୁରଆନ୍ କରୀମ୍ ଶେଷ କରିଥିଲେ । ଜେଜେମା ଅଭାବି, ଦରିଦ୍ରମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରୁଥିଲେ ଏବଂ ଆମମାନଙ୍କୁ ମଧ୍ୟ କହୁଥିଲେ ଯେ, ଅଭାବିମାନଙ୍କ ନିମନ୍ତେ ଦୁଆ କର ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତାଙ୍କର ଭାଣିଜୀଙ୍କ କନ୍ୟା ଆୟୁଷ୍ମତୀ ନେହା (Neha) ଅଟନ୍ତି । ସେ ଏଠାରେ ରୁହନ୍ତି, ସେ କୁହନ୍ତି ଯେ, ଆଈ ମା' ପ୍ରତ୍ୟେକ ଅବସ୍ଥାରେ ସକାରାତ୍ମକ ଚିନ୍ତାଧାରା ମନ ମଧ୍ୟରେ ପୋଷଣ କରୁଥିଲେ । ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଆପଣ ସମ୍ମାନ ଜାଣଉଥିଲେ ଏବଂ ଘରେ କାମ କରୁଥିବା କର୍ମଚାରୀମାନଙ୍କର ମଧ୍ୟ ସ୍ୱର୍ଗତା ମହୋଦୟା ଏପରି ଯତ୍ନ ନେଉଥିଲେ ଯେପରିକି ସେମାନେ ମହୋଦୟାଙ୍କର ଆପଣାର ଅଟନ୍ତି। ସେ ଯାହା ହେଉ ଏକଥା ମୁଁ ମଧ୍ୟ ଦେଖିଛି ଯେ, ସ୍ୱର୍ଗତା ମହୋଦୟା ନିଜ ମନ ଭିତରେ **(ଅବଶିଷ୍ଟାଂଶ....ପୃ-10ରେ)**

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

### ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

(ଖୁତ୍‌ବା ଜୁମା)

## ଆଁହଜରତ୍ ସ.ଅଙ୍କ ସଚ୍ଚରିତ୍ରତା, ସତ୍ୟତା ଓ ସତ୍ୟବାଦୀତା ସଂପର୍କରେ ଆପଣ ସ.ଅଙ୍କର ପବିତ୍ର ଜୀବନୀର ବିଶ୍ୱାସବର୍ଦ୍ଧ ଚର୍ଚ୍ଚା ।

**ଖୁତ୍‌ବା ଜୁମା 24 April 2026 ମସିହା ଅନୁଯାୟୀ ୨୪ ଶାହାଦତ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ରାଯାଉଛି।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُولُهٗ. أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَإِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଆଁହଜରତ୍ ସ.ଅଙ୍କ ସତ୍ୟତାର ସର୍ବୋଚ୍ଚ ସ୍ତର ସଂପର୍କରେ ଆପଣ ସ.ଅଙ୍କ ଉତ୍ତମ ଆଦର୍ଶ ଏବଂ ବିଶ୍ୱାସକାରୀମାନଙ୍କୁ ହିତୋପଦେଶ ତଥା ମାର୍ଗଦର୍ଶନର ଚର୍ଚ୍ଚା ଗତ ଖୁତ୍‌ବାରେ ହୋଇଥିଲା । ଏଥି ସଂକ୍ରାନ୍ତରେ ଆଜି ମଧ୍ୟ ମୁଁ ଅତିରିକ୍ତ ଚର୍ଚ୍ଚା କରିବି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅ ଆମମାନଙ୍କୁ ସତ୍ୟତାର କେଉଁସବୁ ସ୍ତରରେ ଉପନୀତ ତଥା ପହଞ୍ଚାଇବାକୁ ଚାହୁଁଥିଲା ସେ ସଂପର୍କରେ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି । ଅତଏବ୍ ହଫସ୍ ବିନ୍ ଆସିମ୍ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହିଲେ: "ମନୁଷ୍ୟର ମିଥ୍ୟାବାଦୀ ହେବା ନିମନ୍ତେ ଏହି ଲକ୍ଷଣ (ପ୍ରମାଣ) ହିଁ ଯଥେଷ୍ଟ ଯେ, ସେ ଶୁଣା କଥାକୁ ଲୋକମାନଙ୍କ ଆଗରେ ପ୍ରକାଶ କରିଥାଏ ।" **(ସହି ମୁସ୍‌ଲିମ୍, ମୁକଦ୍ଦମା, ବାବୁନ୍ ନହି ଅନିଲ୍ ହଦିସି ବିକୁଲ୍ଲି ମା ସମିଆ, ହଦିସ୍ ନଂ-05)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ଆପଣମାନେ ଦେଖନ୍ତୁ ! ପ୍ରାୟତଃ ଲୋକମାନଙ୍କ ମଧ୍ୟରେ ଏହି ଅଭ୍ୟାସ ଥାଏ ଯେ, ଲୋକେ ଅନ୍ୟ ସଂପର୍କରେ ମିଛ ଅଭିଯୋଗ କରି ଦେଇଥାଆନ୍ତି । ଜମାଅତ୍‌ରେ ମଧ୍ୟ ଏହି ବଦଅଭ୍ୟାସ ତଥା ଖରାପ ଗୁଣ ଲୋକମାନଙ୍କ ମଧ୍ୟରେ ଅଧିକ ରହିଛି । କେତେକେ ଲୋକାମେନ ମୋତେ ଏଥି ସଂକ୍ରାନ୍ତରେ ପତ୍ର ଲେଖି ଦିଅନ୍ତି ଯେ, ହୁଜୁର ! ଅମକ ବ୍ୟକ୍ତି ଅମକ କଲା, ସମକ କଲା। ଯେତେବେଳେ ତଦନ୍ତ କରାଯାଏ ସେତେବେଳେ ସେହି ଲୋକମାନଙ୍କର କଥା ଭୁଲ୍ ବୋଲି ପ୍ରମାଣିତ ହୋଇଥାଏ । ଉଲ୍ଲେଖକାରୀ ବ୍ୟକ୍ତିକୁ ଯେତେବେଳେ ପଚାରାଯାଏ ଯେ, ସେ ଅନ୍ୟ ସଂପର୍କରେ ଏପରି କାହିଁକି ଲେଖିଲ ଓ ତୁମକ ଏକଥା କିଏ କହିଲା ? ଏକଥା ତ' ଭୁଲ୍ ଅଟେ । ତେବେ ସେତେବେଳେ ସେମାନେ ଏହା କହି ଦିଅନ୍ତି ଯେ, ଆଜ୍ଞା ଆମେ ଶୁଣିଥିଲୁ ଏବଂ ଶୁଣିବା ମାତ୍ରେ ସେମାନେ ଦୁନିଆରେ ଚିତ୍କାର କରି ବୁଲନ୍ତି । ଏପରି ଲୋକମାନଙ୍କୁ ଆଗ ପ୍ରସଙ୍ଗ ଉପରେ ବିଚାର କରିବା ଉଚିତ୍ ଯେ, ଆଁହଜରତ୍ ସ.ଅ ଏପରି ଲୋକମାନଙ୍କୁ ମିଥ୍ୟାବାଦୀ (ମିଛୁଆ) ବୋଲି ବିବେଚିତ କରିଛନ୍ତି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କ ସାହାବାମାନଙ୍କୁ ମିଛ ସର୍ବାଧିକ ନାପସନ୍ଦ ଥିଲା । ଯଦି କୌଣସି ବ୍ୟକ୍ତି ନବୀ କରୀମ୍ ସ.ଅଙ୍କ ସମ୍ମୁଖରେ ମିଛ କହି ଦେଉଥିଲା ତେବେ ସେହି କଥା ଆପଣ ସ.ଅଙ୍କ ମନରେ ରହୁଥିଲା । ଆପଣ ସ.ଅଙ୍କୁ ଜ୍ଞାତ ରହୁଥିଲା ଯେ, ବ୍ୟକ୍ତି ଜଣକ ମିଛ କଥା କହିଛି ଏବଂ ଆପଣ ସ.ଅ ଉକ୍ତ କଥା ଯୋଗୁଁ ମର୍ମାହତ ଓ ବ୍ୟଥିତ ହେଉଥିଲେ । ଆପଣ ସ.ଅ ଉକ୍ତ କଥାକୁ ଅନୁଭବ କରୁଥିଲେ ଏବଂ ହୃଦୟ ମଧ୍ୟରେ ରଖୁଥିଲେ । ଏପର୍ଯ୍ୟନ୍ତକି ଆପଣ ସ.ଅଙ୍କୁ ଜ୍ଞାତ ହୋଇଯାଉଥିଲା ଯେ, ସେହି ବ୍ୟକ୍ତି ଜଣକ ଅନୁତାପ ଓ କ୍ଷମା ପ୍ରାର୍ଥନା କରି ନେଇଛି, ସଂଶୋଧନ କରି ନେଇଛି ଏବଂ ମିଛ କହିବାରୁ ସେ ସଂପୂର୍ଣ୍ଣ ରୂପେ ବର୍ତ୍ତିବା ଆରମ୍ଭ କରି ଦେଇଛି । **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-8, ପୃ-280, ହଦିସ୍ ନଂ-25698, ଆଲିମୁଲ୍ କୁତୁବ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅସ୍‌ମା ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ମହିଳା ନବୀ କରୀମ୍ ସ.ଅଙ୍କ ପାଖକୁ ଆସିଲା ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୋର ଜଣେ ସଉତୁଣୀ ଅଛି । ଅର୍ଥାତ୍ ମୋ ସ୍ୱାମୀଙ୍କର ଦ୍ୱିତୀୟ ପତ୍ନି ଅଛି । ମୁଁ ଯଦି ନିଜ ସ୍ୱାମୀଙ୍କୁ ଧନରୁ ତୃପ୍ତ ହେବାର ପରିପ୍ରକାଶ କରେ ତେବେ କ'ଣ ମୋତେ ପାପ ଲାଗିବ ? ମୁଁ ତା' (ସଉତୁଣୀ) ଆଗରେ ଏକଥା ପରିପ୍ରକାଶ କରିପାରିବି ଯେ, ମୋ ସ୍ୱାମୀ ମୋତେ ବହୁତ ଜିନିଷ ଦେଉଛନ୍ତି । ସେ ମୋତେ ଏଇଟା ଦିଅନ୍ତି ସେଇଟା ଦିଅନ୍ତି । ମୁଁ କେବଳ ସଉତୁଣୀକୁ ଚିଡ଼େଇବାକୁ ଚାହୁଁଛି, ତାକୁ ହଇରାଣ କରିବାକୁ ଚାହୁଁଛି । ରସୁଲୁଲ୍ଲାଃ ସ.ଅ କହିଲେ, ଯଦି ଜଣେ ବ୍ୟକ୍ତି କୌଣସି ଜିନିଷ ଦିଆଯାଇ ନାହିଁ ଏବଂ ସେ ଆତ୍ମ ତୃପ୍ତି ହେବାର ପରିପ୍ରକାଶ କରେ, ତେବେ ସେହି ବ୍ୟକ୍ତି ସେହିପରି ଅଟେ ଯେପରିକି ସେ ବ୍ୟକ୍ତି ମିଛର ଦୁଇଟି ବସ୍ତ୍ର ପରିଧାନକାରୀ ଅଟେ । କାରଣ ସେହି ବ୍ୟକ୍ତିକୁ ଆବେଗ ଜନିତ କ୍ଷତି ପହଞ୍ଚାଇବା, କଷ୍ଟ ଦେବା ଓ ଚିଡ଼ାଇବା ନିମନ୍ତେ ସେ ମିଛ କଥା କହିଥିଲା । ସେ ଯାହା ହେଉ ଆପଣ ସ.ଅ କହିଲେ, ଏପରି କଥା ସଂପୂର୍ଣ୍ଣ ରୂପେ ଭୂଲ କଥା ଅଟେ ।"**(ସହି ମୁସ୍‌ଲିମ୍, କିତାବୁଲ୍ ଲିବାସ୍ ୱଜ୍ ଜିନିତି, ବାବୁନ୍ ନହି ଅନିତ୍ ତଜ୍‌ୱିରି......ଅନୁବାଦକ, ଗ୍ରନ୍ଥଖଣ୍ଡ-11, ପୃ-233, ହଦିସ୍ ନଂ-3959, ପ୍ରକାଶକ-ନୁର୍ ଫାଉଣ୍ଡେସନ୍)** ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ହଦିସ୍‌ର ବ୍ୟାଖ୍ୟାରେ ଉଲ୍ଲେଖ ରହିଛି ଯେ, ବସ୍ତ୍ରର ଯେଉଁ ଶବ୍ଦ ଏଠାରେ ବ୍ୟବହୃତ ହୋଇଛି ତା'ର ଅର୍ଥ ଏହିକି ଯେ, ସେହି ବ୍ୟକ୍ତି ମିଥ୍ୟା ଏବଂ ଛଳନାର ବିନିଯୋଗକାରୀ ଅଟେ । ସେହି ବ୍ୟକ୍ତି ମିଛର ଦୁଇଟି ବସ୍ତ୍ର ପରିଧାନ କରିଛି। ଗୋଟିଏ ବସ୍ତ୍ରକୁ ସେ ପରିଧାନ କରିଛି ଏବଂ ଅନ୍ୟଟିକୁ ତଳେ ବାନ୍ଧିଛି । ଅର୍ଥାତ୍ ଆପାଦ ମସ୍ତକ ସେହି ବ୍ୟକ୍ତି ମିଥ୍ୟାବାଦୀ ଅଟେ । **(ଉମ୍‌ଦତୁଲ୍ କାରି, ଗ୍ରନ୍ଥଖଣ୍ଡ-20, ପୃ-289-290, ମକ୍‌ତବା, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, ଫତ୍‌ହୁଲ୍ ବାରି, ଗ୍ରନ୍ଥଖଣ୍ଡ-9, ପୃ-228-229, ମକ୍‌ତବା ଦାରୁର୍ ରଇୟାନ୍ ଲିତ୍ ତୁରାସି)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଅତ୍ୟନ୍ତ ସୂକ୍ଷ୍ମତାର ସହିତ ଆପଣ ସ.ଅ ମିଥ୍ୟା (ମିଛ) ଠାରୁ ବର୍ତ୍ତିବା ନିମନ୍ତେ ନିଜର ଅନୁଗାମୀମାନଙ୍କୁ ଅନୁପ୍ରାଣିତ କରିଛନ୍ତି। ସେହିପରି ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, ଯେଉଁ ବ୍ୟକ୍ତି ମଧ୍ୟରେ ଏହି ଚାରୋଟି ଗୁଣ ରହିଛି ସେହି ବ୍ୟକ୍ତି କପଟବିଶ୍ୱାସୀ ବ୍ୟକ୍ତି ଅଟେ । ଯେଉଁ ବ୍ୟକ୍ତି ମଧ୍ୟରେ ଏହିସବୁ ଗୁଣ ମଧ୍ୟରୁ ଗୋଟିଏ ଗୁଣ ବି ଥାଏ ତେବେ ସେହି ବ୍ୟକ୍ତି ମଧ୍ୟରେ କପଟତାର ମଧ୍ୟ ଗୋଟିଏ ଗୁଣ ଅବଶ୍ୟ ଥିବ । ଯେପର୍ଯ୍ୟନ୍ତ ସେହି ବ୍ୟକ୍ତି ଉକ୍ତ ଗୁଣକୁ ପରିତ୍ୟାଗ କରିଦେଇ ନାହିଁ ସେପର୍ଯ୍ୟନ୍ତ ସେହି ବ୍ୟକ୍ତି କଦାପି ବିଶ୍ୱାସକାରୀ ହୋଇ ପାରିବ ନାହିଁ । ସୁତରାଂ କପଟ ବ୍ୟକ୍ତି ପାଖରେ ଯେତେବେଳେ କୌଣସି ଅମାନତ୍ (ନ୍ୟାସ) ରଖାଯାଏ ସେତେବେଳେ ସେ ବିଶ୍ୱାସଘାକତା କରିଥାଏ । ଯେତେବେଳେ ସେ କଥାବାର୍ତ୍ତା କରେ ସେତେବେଳେ ସେ ମିଛ କହିଥାଏ । ସେହିପରି ଯେତେବେଳେ ସେ ଅଙ୍ଗୀକାର ବା ପ୍ରତିଶୃତି କରିଥାଏ ସେତେବେଳେ ସେ ଅଙ୍ଗୀକାରକୁ ଭଙ୍ଗ କରିଥାଏ (ପ୍ରତିଶୃତିକୁ ଭଙ୍ଗ କରିଥାଏ) । ଯେତେବେଳେ କପଟ ବିଶ୍ୱାସୀ ବ୍ୟକ୍ତି କଳହ କରେ ସେତେବେଳେ ସେ ଗାଳି ଗୁଲଚ କରିଥାଏ । **(ସହି ବୁଖାରୀ, କିତାବୁଲ୍ ଇମାନ୍, ବାବ୍-ଅଲାମତୁଲ୍ ମୁନାଫିକି, ଅନୁବାଦକ, ଗ୍ରନ୍ଥଖଣ୍ଡ-1, ପୃ-80-81, ପ୍ରକାଶକ- ନଜାରତ୍ ନଶ୍ରୋ ଇଶାଅତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏ ସମସ୍ତ କଥା ଏପରି ଅଟନ୍ତି ଯେ, ତାହା କୌଣସି ନା କୌଣସି ପ୍ରକାରେ ପ୍ରତ୍ୟେକ୍ଷରେ ହେଉ ଅବା ପରୋକ୍ଷରେ ହେଉ, ତାହା ମିଥ୍ୟା ଆଡକୁ ଅଗ୍ରସର କରାଉଥିବା କଥା ଅଟନ୍ତି କିମ୍ବା ଏହି ସବୁ କଥା ଦ୍ୱାରା ମିଛର ପରିପ୍ରକାଶ ହୋଇଥାଏ । ଅତଏବ୍ ଏହି ଚାରିତ୍ରିକ ଦୁର୍ବଳତା କପଟତାର ଲକ୍ଷଣ ଅଟନ୍ତି। ବର୍ତ୍ତମାନ ଏହାକୁ ଦୃଷ୍ଟି ସମ୍ମୁଖରେ ରଖି ଆମମାନଙ୍କୁ ନିଜ ନିଜର ସମୀକ୍ଷା କରିବା ଉଚିତ୍ ଯେ, ଆମମାନଙ୍କ ମଧ୍ୟରେ ଏହିସବୁ ଦୋଷ ଦୁର୍ବଳତା କେତେଦୂର ପର୍ଯ୍ୟନ୍ତ ରହିଛି । କାରଣ ଏହିସବୁ ଦୋଷ ଦୁର୍ବଳତା ମନୁଷ୍ୟକୁ କପଟତା ଆଡ଼କୁ ଅଗ୍ରସର କରାଇଥାଏ ଏବଂ ମନୁଷ୍ୟ କପଟବିଶ୍ୱାସୀ ରୂପେ ବିବେଚିତ ହେବାକୁ ଆଦୌ ପସନ୍ଦ କରେ ନାହିଁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ସମ୍ରାହ୍ ବିନ୍ ଜୁନ୍ଦୁବ୍ ର.ଅ କହିଲେ: "ରସୁଲୁଲ୍ଲାଃ ସ.ଅ ନିଜର ସାହାବାମାନଙ୍କୁ ଅନେକ ସମୟରେ ଏକଥା ପଚାରୁଥିଲେ ଯେ, ହେ ସାହାବାମାନେ ! ତୁମମାନଙ୍କ ମଧ୍ୟରୁ କେହି ସ୍ୱପ୍ନ ଦେଖିଛି କି ? ଅତଏବ୍ ଯେଉଁ ବ୍ୟକ୍ତି ସ୍ୱପ୍ନ ଦେଖିଥିଲା ସେ ସ୍ୱପ୍ନ ସଂପର୍କରେ ବର୍ଣ୍ଣନା କରି ଦେଉଥିଲା । ଦିନେ ଆପଣ ସ.ଅ କହିଲେ, ଆଜି ରାତିରେ ମୁଁ ନିଜ ସଂପର୍କରେ ଏହି ଦୃଶ୍ୟ ଦେଖିଲି ଯେ, ମୋ ପାଖକୁ ଦୁଇ ଜଣ ଆଗନ୍ତୁକ ବ୍ୟକ୍ତି ଆସିଲେ, ସେମାନେ ମୋତେ ନିଦରୁ ଉଠାଇଲେ ଏବଂ ମୋତେ କହିବାକୁ ଲାଗିଲେ ଯେ, ହେ ମୁହମ୍ମଦ ସ.ଅ ! ଚାଲ । ମୁଁ ସେମାନଙ୍କ ସହିତ ବାହାରି ପଡ଼ିଲି ଏବଂ ଆମେମାନେ ଜଣେ ବ୍ୟକ୍ତି ପାଖକୁ ଆସିଲୁ । ସେହି ବ୍ୟକ୍ତି ନିଜ ଗଦ୍ଦିରେ ଭରା ଦେଇ ଶୋଇଥିଲା ଏବଂ ଆଉ ଜଣେ ବ୍ୟକ୍ତି ଲୌହ କଣ୍ଟା ଧରି ଛିଡ଼ା ହୋଇଥିଲା । ହୁକ ବା ଲୌହ କଣ୍ଟା ସେହି ବ୍ୟକ୍ତିର ପାଟିର ଗୋଟିଏ ପାର୍ଶ୍ୱରୁ ଯାଇ ଓଠ ପର୍ଯ୍ୟନ୍ତ ଚିରି ପକାଉଥିଲା । ତା'ର ନାକ ଓ ଆଖିକୁ ମଧ୍ୟ ଚିରି ପକାଉଥିଲା । ଅର୍ଥାତ୍ ଡାହାଣ ଓ ବାମ ପାର୍ଶ୍ୱକୁ ସଂପୂର୍ଣ୍ଣ ରୂପେ ଚିରି ପକାଉଥିଲା । ତତ୍ପରେ ସେଠାରୁ ହଟିଯାଇ ଗାଲ ଆଡ଼କୁ ଯାଉଥିଲା । ଯେପରି ସେ ବାମ ପାର୍ଶ୍ୱ ଗାଲ ଆଡ଼କୁ କରୁଥିଲା ଠିକ୍ ସେହିପରି ସେ ଡାହାଣ ଗାଲରେ ମଧ୍ୟ ସେହିପରି ଚିରା ଲଗାଉଥିଲା । ଅର୍ଥାତ୍ ବାମ ପାର୍ଶ୍ୱର ଗାଲ ଭଲ ହେଉ ନଥିଲା କି ସେ ଡାହାଣ ପାର୍ଶ୍ୱର ଗାଲକୁ ଆସି ଚିରି ପକାଉଥିଲା, ଡାହାଣ ପାର୍ଶ୍ୱର ଗାଲ ଭଲ ହେଉ ନଥିଲା ସେ ବାମ ପାର୍ଶ୍ୱର ଗାଲକୁ ଆସି ଚିରି ପକାଉଥିଲା । ଏପରି ସେ ବରାମ୍ବାର ଗାଲକୁ ଆସି ଚିରୁଥିଲା । ଆପଣ ସ.ଅ କହୁଥିଲେ, ସୁବ୍‌ହାନଲ୍ଲାଃ (ଅଲ୍ଲାଃତାଲା ପବିତ୍ର ଅଟନ୍ତି) ଆଁହଜରତ୍ ସାଅ କହିଲେ, ସୁବ୍‌ହାନଲ୍ଲାଃ ଏହି ଲୋକମାନେ କିଏ ଅଟନ୍ତି ? ସେମାନେ ଦୁହେଁ ମୋତେ କହିଲେ, ଶୁଣ ଆମେମାନେ ତୁମକୁ ପ୍ରକୃତ ସତ୍ୟାସତ୍ୟ କହୁଛୁ । ତୁମେ ଯେଉଁ ବ୍ୟକ୍ତି ପାଖକୁ ଆସିଥିଲ, ଯାହାର ଓଠ, ନାକ, ଚକ୍ଷୁ ପର୍ଯ୍ୟନ୍ତ ଚିରା ଯାଉଥିଲା, ସେହି ବ୍ୟକ୍ତି ଯିଏ ସକାଳୁ ନିଜ ଘରୁ ବାହାରେ ଏବଂ ମିଛ କଥା ତିଆରି କରି କହିଥାଏ ତାହାକୁ ଚତୁର୍ଦିଗରେ ପହଞ୍ଚି ଯାଇଥାଏ ।" **(ସହିହୁଲ୍ ବୁଖାରୀ କିତାବୁତ୍ ତାବିର୍, ବାବ୍-ତାବିରୁର୍ ରୋୟା ବାଆଦସ୍ ସୁବହି, ଅନୁବାଦକ, ଗ୍ରନ୍ଥଖଣ୍ଡ-16, ପୃ-246-252, ହଦିସ୍ ନଂ-7047, ପ୍ରକାଶକ-ନଜାରତ୍ ନଶ୍ରୋ ଇଶାଅତ୍)**

**(ଅବଶିଷ୍ଟାଂଶ.....ପରବର୍ତ୍ତୀ ସଂଖ୍ୟାରେ)**

## ବିଗତ ସଂଖ୍ୟା-23, ପୃ-12ରେ ବର୍ଣ୍ଣିତ ସିରତୁଲ୍ ମେହ୍‌ଦୀର ଅବଶିଷ୍ଟାଂଶ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ଏମ୍.ଏ ର.ଅ)

(35) بِسۡمِ اللّٰہِ الرَّحۡمٰنِ الرَّحِیۡمِ ମୌଲବୀ ଶେର୍ ଅଲୀ ସାହେବ ବର୍ଣ୍ଣନା କରନ୍ତି ଯେ, ଏକଦା ହ. ମସିହ୍ ମଉଦ୍ ଅ.ସ କାଦିୟାନରୁ ଗୁର୍ଦାସପୁର୍ ଅଭିମୁଖେ ଯାଉଥିବା ସମୟରେ ବଟାଲା ଠାରେ ଅଟକିଲେ । ସେଠାରେ କେହି ଜଣେ ଅତିଥି ଆପଣ ଅ.ସଙ୍କ ସନ୍ଧାନରେ କାଦିୟାନ୍ ଆସି ବଟାଲାକୁ ଫେରି ଆସିଥିଲା । ସେହି ବ୍ୟକ୍ତି ଆପଣ ଅ.ସଙ୍କ ପାଇଁ କିଛି ଫଳ ଉପହାର ସ୍ୱରୂପ ଆଣିଥିଲା । ସେହି ଫଳମାନଙ୍କ ମଧ୍ୟରେ ଅଙ୍ଗୁର ମଧ୍ୟ ରହିଥିଲା । ଆପଣ ଅ.ସ ଅଙ୍ଗୁର ସେବନ କଲେ ଏବଂ କହିଲେ, ଅଙ୍ଗୁର ମଧ୍ୟରେ ତିକ୍ତିତା ଅର୍ଥାତ୍ ଖଟ୍ଟାପଣ ଥାଏ । କିନ୍ତୁ ଏହି ଖଟ୍ଟାପଣ ନାକରୁ ପାଣି ବହିବା ପାଇଁ କ୍ଷତିକାରକ ହୋଇ ନଥାଏ । ପୁନଶ୍ଚ ଆପଣ ଅ.ସ କହିଲେ, ବର୍ତ୍ତମାନ ମୋର ହୃଦୟ ଅଙ୍ଗୁର ସେବନ କରିବାକୁ ଚାହୁଁଥିଲା । ତେଣୁ ଈଶ୍ୱର ମୋ ପାଇଁ ଅଙ୍ଗୁର ପ୍ରେରଣ କରିଦେଲେ । ମୌଲବୀ ସାହେବ କହିଲେ, ମୁଁ ଅନେକ ଥର ଏହି ପରୀକ୍ଷା କରିଛି ଯେ, ମନ ଯେଉଁ ଜିନିଷକୁ ଆବଶ୍ୟକ କରିଥାଏ ଅଲ୍ଲାଃତାଲା ସେହି ଜିନିଷ ଉପଲବ୍ଧ କରି ଦେଇଥାଆନ୍ତି । ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସ କହିଲେ, ଏକଦା ମୁଁ ଏକ ଯାତ୍ରାରେ ଯାଉଥିଲି କି ମୋ ମନ ଆଖୁ ଖାଇବା ପାଇଁ ଭାରି ଇଚ୍ଛା କଲା । କିନ୍ତୁ ବାଟରେ କୌଣସି ଆଖୁ ନଥିଲା । କିନ୍ତୁ ଅଲ୍ଲାଃତାଲାଙ୍କ ଲୀଳା ଦେଖ ଯେ, କିଛି ସମୟ ପରେ ଜଣେ ବ୍ୟକ୍ତି ମୋତେ (ମସିହ୍ ମଉଦ୍ ଅ.ସଙ୍କୁ) ମିଳିଗଲା । ସେହି ବ୍ୟକ୍ତି ପାଖରେ ଆଖୁ ଥିଲା । ତା' ଠାରୁ ମୋତେ ଆଖୁ ମିଳିଗଲା ।

(36) بِسۡمِ اللّٰہِ الرَّحۡمٰنِ الرَّحِیۡمِ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ବର୍ଣ୍ଣନା କରନ୍ତି ଯେ, ମାତାଶ୍ରୀ ମୋତେ କହିଲେ, ପ୍ରାରମ୍ଭିକ ଦିନମାନଙ୍କରେ ଏକଦା ହ. ମସିହ୍ ମଉଦ୍ ଅ.ସଙ୍କୁ ଭୟଙ୍କର ବାତ ମାରିଲା । କେହି ଜଣେ ବ୍ୟକ୍ତି ମିର୍ଜା ସୁଲତାନ୍ ଅହମଦ ଏବଂ ମିର୍ଜା ଫଜଲ୍ ଅହମଦ ସାହେବଙ୍କୁ ମଧ୍ୟ ସୂଚନା ଦେଇଦେଲା । ସେମାନେ ଦୁହେଁ ଆସିଲେ । ପୁନଶ୍ଚ ସେମାନଙ୍କ ସମ୍ମୁଖରେ ମଧ୍ୟ ହ. ସାହେବ ଅ.ସଙ୍କୁ ବାତ ମାରିଲା। ମାତାଶ୍ରୀ କୁହନ୍ତି ଯେ, ମୁଁ ସେତେବେଳେ ଦେଖିଲି ଯେ, ମିର୍ଜା ସୁଲ୍‌ତାନ୍ ଅହମଦ ତ' ଖଟ ପାଖରେ ନିରବତାର ସହିତ ବସି ରହିଥିଲେ । କିନ୍ତୁ ମିର୍ଜା ଫଜଲ୍ ଅହମଦ ସାହେବଙ୍କ ଚେହେରା ଉପରେ ଏକ ପ୍ରକାରର ରଙ୍ଗ ପରିପ୍ରକାଶିତ ହେଉଥିଲା । ଅର୍ଥାତ୍ ଚେହେରାର ରଙ୍ଗ ପରିବର୍ତ୍ତନ ହେଉଥିଲା । କେତେବେଳେ ସେ ଏଣେ ଧାଉଁଥିଲା ତ' ଆଉ କେତେବେଳେ ତେଣେ ଧାଉଁଥିଲା । ସେ କେତେବେଳେ ନିଜର ପଗଡ଼ି ଓହ୍ଲାଇ ହ. ସାହେବ ଅ.ସଙ୍କ ପାଦକୁ ବାନ୍ଧୁଥିଲା ତ' ଆଉ କେତେବେଳେ ଗୋଡ଼ ଚିପିବାକୁ ଲାଗୁଥିଲା । ଏହି ଚିନ୍ତା ଓ ଅସ୍ଥିରାବସ୍ଥାରେ ତା'ର ହାତ ଥରୁଥିଲା ।

(37) بِسۡمِ اللّٰہِ الرَّحۡمٰنِ الرَّحِیۡمِ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ବର୍ଣ୍ଣନା କରନ୍ତି ଯେ, ମାତାଶ୍ରୀ ମୋତେ କହିଲେ, ଯେତେବେଳେ ମୁହମ୍ମଦି ବେଗମ୍‌ଙ୍କ ବିବାହ ଅନ୍ୟ ସ୍ଥାନରେ ହୋଇଗଲା ଏବଂ କାଦିୟାନ୍‌ର ସମସ୍ତ ସଂପର୍କୀୟମାନେ ହ. ସାହେବଙ୍କର ଘୋର ବିରୋଧ ପ୍ରଦର୍ଶନ କଲେ ଏବଂ ଆପଣ ଅ.ସଙ୍କ ବିରୁଦ୍ଧରେ ସେମାନେ ଖୁବ୍ ପ୍ରଚେଷ୍ଟ କରୁଥିଲେ । ସମସ୍ତେ ଅହମଦ୍ ବେଗ୍ ଓ ମୁହମ୍ମଦି ବେଗମ୍‌କୁ ସମର୍ଥନ ଜଣାଇଲେ ଏବଂ ସ୍ୱୟଂ ଚେଷ୍ଟା କରି ବିବାହ ଅନ୍ୟ ସ୍ଥାନରେ ଯେତେବେଳେ କରାଇ ଦେଲେ ସେତେବେଳେ ହ. ସାହେବ ମିର୍ଜା ସୁଲ୍‌ତାନ୍ ଅହମଦ ଏବଂ ମିର୍ଜା ଫଜଲ୍ ଅହମଦ୍ ଉଭୟଙ୍କୁ ପୃଥକ୍ ପୃଥକ୍ ପତ୍ର ଲେଖିଲେ ଏବଂ ଦୁହିଁଙ୍କୁ ଆପଣ ଅ.ସ କହିଲେ, ହେ ପୁତ୍ରମାନେ ! ଏମାନେ ସମସ୍ତେ ମୋର ଘୋର ବିରୋଧ ପ୍ରଦର୍ଶନ କରିଛନ୍ତି । ବର୍ତ୍ତମାନ ଏମାନଙ୍କ ସହିତ ମୋର ଆଉ କୌଣସି ସଂପର୍କ ରହିଲା ନାହିଁ। ଏମାନଙ୍କ ସହିତ ବର୍ତ୍ତମାନ ଆମର କବର ମଧ୍ୟ ଏକତ୍ରିତ ହୋଇପାରିବ ନାହିଁ । ଅତଏବ୍ ତୁମେମାନେ ନିଜର ଶେଷ ନିଷ୍ପତ୍ତି ନିଅ । ଯଦି ତୁମେମାନେ ମୋ ସହିତ ସଂପର୍କ ରଖିବାକୁ ଚାହୁଁଛ ତେବେ ତୁମମାନଙ୍କୁ ସେମାନଙ୍କ ଠାରୁ ସଂପର୍କ ଛିନ୍ନ କରିବାକୁ ହେବ । ଆଉ ଯଦି ସେମାନଙ୍କ ସହିତ ସଂପର୍କ ରଖିବାକୁ ଚାହୁଁଛ ତେବେ ମୋ ସହିତ ତୁମର କୌଣସି ସଂପର୍କ ରହିବ ନାହିଁ । ସେ ସ୍ଥିତିରେ ମୁଁ ତୁମମାନଙ୍କୁ ନିଜର ସଂପତ୍ତିରୁ ବେଦଖଲ୍ (ବଞ୍ଚିତ) କରିଦେବି । ମାତାଶ୍ରୀ କହିଲେ, ମିର୍ଜା ସୁଲ୍‌ତାନ୍ ଅହମଦଙ୍କର ଉତ୍ତର ଆସିଲା ଯେ, ପିତାଶ୍ରୀ ! ମୋ ଉପରେ ବଡ଼ ମା'ଙ୍କର ଉପକାର ରହିଛି । ତେଣୁ ମୁଁ ତାଙ୍କ ସହିତ ସଂପର୍କ ଛିନ୍ନ (ଭାଙ୍ଗି) କରିପାରିବି ନାହିଁ । କିନ୍ତୁ ମିର୍ଜା ଫଜଲ୍ ଅହମଦ ଉଲ୍ଲେଖ କଲା ଯେ, ଶ୍ରଦ୍ଧେୟ ପିତାଶ୍ରୀ ! ମୋର ତ' ଆପଣଙ୍କ ସହିତ ସଂପର୍କ ରହିଛି, ସେମାନଙ୍କ ସହିତ ମୋର କୌଣସି ସଂପର୍କ ନାହିଁ । ହ. ସାହେବ ଉତ୍ତର ଦେଲେ ଯେ, ପୁତ୍ର (ଫଜଲ୍ ଅହମଦ୍) ! ଯଦି ତୁମ **(ଅବଶିଷ୍ଟାଂଶ.....ପୃ-12ରେ)**

## ପୃ-08 ରେ ବର୍ଣ୍ଣିତ ଖୁତ୍‌ବା ଜୁମା-17-04-26 ଅବଶିଷ୍ଟାଂଶ.....

ସକାରାତ୍ମକ ଭାବଧାରା ପୋଷଣ କରୁଥିଲେ। ପ୍ରାୟତଃ ସେ ଏକଥାରୁ ବର୍ତ୍ତିବାକୁ ପ୍ରୟାସ କରୁଥିଲେ ଯେ, କାହା ପ୍ରତି କୌଣସି ନକାରାତ୍ମକ ମନ୍ତବ୍ୟ ଦେବେ କିମ୍ବା ଅବେଗ ପ୍ରବଣ ଓ ଉତ୍ତେଜିତ ହୋଇ ଅନ୍ୟକୁ କଷ୍ଟ ପହଞ୍ଚାଇଲାବାଲା କଥା କହିବେ । ସ୍ୱର୍ଗତା ସମହୋଦୟା ଲୋକମାନଙ୍କର ଭାବାବେଗ ପ୍ରତି ଅତ୍ୟନ୍ତ ଯତ୍ନବାନ୍ ଥିଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମହୋଦୟା କୁହନ୍ତି ଯେ, ଏକଦା ତାଙ୍କର ଜଣେ ସେବିକା ବିବାହ ଯୋଗୁଁ ଘରୁ ଶାଶୁ ଘରୁ ବିଦାୟ ହେଉଥିଲେ। । ସେତେବେଳେ ସ୍ୱର୍ଗତା ମହୋଦୟା ଏପରି ନିରାଶ ହୋଇଗଲେ ଯେପରି ନିଜ କନ୍ୟାକୁ ବିଦାୟ ଦେବା ସମୟରେ ଲୋକମାନେ ନିରାଶ ହୁଅନ୍ତି । ସେ ଏହା କହୁଥିଲା ଯେ, ବର୍ତ୍ତମାନ ଘରର ଆଲୋକ ଚାଲିଗଲା ଏବଂ ଘର ଅନ୍ଧାର ହୋଇଯିବ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବେଳେବେଳେ ଲୋକମାନଙ୍କର ଏପରି ପୁଣ୍ୟ ହୋଇଥାଏ ଯାହା ପ୍ରାୟତଃ ଲୁକ୍କାୟିତ ହୋଇ ରହିଥାଏ । କିନ୍ତୁ ସେହି ବ୍ୟକ୍ତି ଯେତେବେଳେ ଅନ୍ୟ ଲୋକ ପ୍ରତି ପୁଣ୍ୟ ଏବଂ ଉତ୍ତମ ଆଚରଣ ପ୍ରଦର୍ଶନ କିରଥିବ ସେତେବେଳେ ପରବର୍ତ୍ତୀ ସମୟରେ ସେହି ଲୋକମାନଙ୍କ ଠାରୁ ଏହି ପୁଣ୍ୟ କରିଥିବା ଲୋକମାନଙ୍କ ସଂପର୍କରେ ଜ୍ଞାତ ହୋଇଥାଏ । ସ୍ୱର୍ଗତା ମହୋଦୟା ମଧ୍ୟ ଏହିପରି ମହିଳାମାନଙ୍କ ମଧ୍ୟରୁ ଅନ୍ୟତମ ମହିଳା ଥିଲେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ , ସ୍ୱର୍ଗତାଙ୍କ ସ୍ତରକୁ ବୈକୁଣ୍ଠରେ ଉନ୍ନୀତ କରନ୍ତୁ ଓ ସ୍ୱର୍ଗତାଙ୍କର ସନ୍ତାନ ସନ୍ତତିଙ୍କୁ ସ୍ୱର୍ଗତାଙ୍କ ପୁଣ୍ୟର ଅଧିକାରୀ କରନ୍ତୁ । ଆମିନ୍ । **(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 8 ମେ 2026 ମସିହା, ପୃ-2-8)** ☆☆☆

## ପୃ-2 ରେ ବର୍ଣ୍ଣିତ ଶାନ୍ତି ସମ୍ମିଳନୀ (ଆଲୋଚନା ଚକ୍ର)ର ଅବଶିଷ୍ଟାଂଶ...

ଏକ ସୁବର୍ଣ୍ଣ ନିୟମ ଅଟେ ଯେ, ଯଦି ବିଶ୍ୱ ଏହି ନିୟମ ଉପରେ କାର୍ଯ୍ୟକାରୀ କରିବା ବନ୍ଦ କରିଦିଏ, ତେବେ ବିଶ୍ୱ ପ୍ରକୃତ ଅର୍ଥରେ ଶାନ୍ତିର ଦୋଳି ପାଲଟିଯିବ ।

ଜର୍ମାନ୍‌ର ଚାନ୍‌ସେଲର୍ ମଧ୍ୟ ଇରାନ୍ ଯୁଦ୍ଧ ବିରୁଦ୍ଧରେ ଏକ ବିବୃତ୍ତି ରଖିଛନ୍ତି ଏବଂ ଏ ପରିପ୍ରେକ୍ଷୀରେ ଯେପରି ମୁଁ ଯୁଦ୍ଧ ବିରୋଧୀ ବ୍ୟକ୍ତିମାନଙ୍କର ପ୍ରଶଂସା କରେ, ସେହିପରି ମୁଁ ଏଠାରେ ଜର୍ମାନ୍ ଚାନ୍‌ସେଲର୍‌ଙ୍କ ମଧ୍ୟ ପ୍ରଶଂସା କରେ । କିନ୍ତୁ ବିବୃତ୍ତି ତଥା ବୟାନବାଜି ଅପେକ୍ଷା ବ୍ୟବହାରିକ ପଦକ୍ଷେପର ଆବଶ୍ୟକତା ରହିଛି । ଯଦି ଆମେ ନୀତିଗତ ମାମଲାରେ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ଯାଞ୍ଚ କରୁ ତେବେ ସେଗୁଡ଼ିକ ନଗଣ୍ୟ ଅଟନ୍ତି । ପୋପ୍ ଲିଓ ତୁର୍କୀରେ ତୃତୀୟ ବିଶ୍ୱଯୁଦ୍ଧର ଆରମ୍ଭ ବିଷୟରେ କହିଥିଲେ ଯେ, ତୃତୀୟ ବିଶ୍ୱଯୁଦ୍ଧ ବର୍ତ୍ତମାନ ଧୀରେ ଧୀରେ ଲଢ଼ା ଯାଉଛି । ମୁଁ କହୁଛି ଯେ, ସତ୍ୟ ଏହିକି ଯେ, ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାକୁ ଯାଉଛି । କିନ୍ତୁ ଲୋକମାନେ ଏହାକୁ ଅସ୍ୱୀକାର କରିବାକୁ ଚେଷ୍ଟା କରୁଛନ୍ତି, କାରଣ ସେମାନେ ଯୁଦ୍ଧର ଭୟାବହତା ଠାରୁ ନିଜ ଧାରଣାରେ ବର୍ତ୍ତିବାକୁ ଚାହୁଁଛନ୍ତି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ସ୍ପେନ୍‌ର ପ୍ରଧାନମନ୍ତ୍ରୀ କହିଲେ, ଆପଣ ଗୋଟିଏ ବେଆଇନ୍ କାର୍ଯ୍ୟକୁ ଅନ୍ୟ ଏକ ବେଆଇନ୍ କାର୍ଯ୍ୟ ଦ୍ୱାରା ସମାଧାନ କରିପାରିବେ ନାହିଁ । ଛୋଟ ଛୋ ଯୁଦ୍ଧ ଏବଂ ଗୋଷ୍ଠୀ ସଂଘର୍ଷ ଫଳରେ ବିରାଟ ବିନାଶକାରୀ ଯୁଦ୍ଧ ଆରମ୍ଭ ହୋଇଯାଇଥାଏ । ଏପରି ସ୍ଥିତିରେ ଖୁବ୍ ସତର୍କତା ଏବଂ ସଠିକ୍ ଜ୍ଞାନର ଆବଶ୍ୟକତା ରହିଛି । ଯଦି ଗୋଟିଏ ପକ୍ଷରୁ ଅନ୍ୟାୟ ହୁଏ ତେବେ ଏପରି ହେବା ଉଚିତ୍ ନୁହେଁ ଯେ, ଅନ୍ୟ ପକ୍ଷ ମଧ୍ୟ ଅନ୍ୟାୟର ପଥ ଅନୁସରଣ କରୁ । ଆଜି ମହାଶକ୍ତିମାନେ ନ୍ୟାୟ ଏବଂ ଆନ୍ତର୍ଜାତିକ ଆଇନକୁ ପରିତ୍ୟାଗ ତଥା ପାସୋରି ଦେଇଛନ୍ତି । ସେମାନଙ୍କ ପାଇଁ ସେମାନଙ୍କର ସ୍ୱାର୍ଥ ହିଁ ସବୁକିଛି ଅଟେ ।

ସରକାରଙ୍କ କାମ ହେଉଛି ଲୋକଙ୍କ କଲ୍ୟାଣ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା । ଏପରି ନିଷ୍ପତ୍ତି ନେବା ଯାହା ଲୋକମାନଙ୍କର ଜୀବନକୁ ସହଜ, ସରସ ଓ ସର୍ବାଙ୍ଗ ସୁନ୍ଦର କରିଦେବ । କିନ୍ତୁ ଆଜିର ଶାସକମାନେ ପ୍ରତ୍ୟେକଟି କାର୍ଯ୍ୟ କରୁଥିବାର ଦୃଶ୍ୟମାନ ହୁଅନ୍ତି ଯଦ୍ଦ୍ୱାରାକି ଲୋକମାନଙ୍କର ଜୀବନ ଦୁର୍ବିସହ ହୋଇ ପଡ଼ିଛି । ଏହି ଶାସକମାନେ ଯୁଦ୍ଧର ଆବରଣ ତଳେ ଅର୍ଥାତ୍ ଆଡୁ ଆଳରେ ନିଜର ବିଫଳତା ଓ ଅପାରଗତାକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି ଏବଂ ଏହିପରି ଭାବରେ ସେମାନେ ବିଶ୍ୱାସକୁ ଏକ ଅନନ୍ତ ବିପର୍ଯ୍ୟୟ ଆଡ଼କୁ ଠେଲି ଦେଉଛନ୍ତି ।

ଜଣେ ପ୍ରମୁଖ ଆମେରିକୀୟ ବୁଦ୍ଧିଜୀବି ସଂପ୍ରତି କହିଛନ୍ତି ଯେ, ପଶ୍ଚିମରେ ବିଶେଷ କରି ଆମେରିକାରେ, ସାମାରିକ ଶକ୍ତିକୁ ପ୍ରତ୍ୟେକ ସସମ୍ୟାର ସମାଧାନ ରୂପେ ମନେକରାଯାଉଛି । କୂଟନୀତିକୁ ପ୍ରୋତ୍ସାହିତ କରିବା **(ଅବଶିଷ୍ଟାଂଶ.....ପୃ-11ରେ)**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَیۡسَ اللّٰہُ بِکَافٍ عَبۡدَہٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

## ପୃ-01 ରେ ବର୍ଣ୍ଣିତ ତଫ୍‌ସିର୍ କବିରର ଅବଶିଷ୍ଟାଂଶ

ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ଅତି ସରଳ ଆଦେଶାବଳୀ ଉପରେ ବିଚାର କରି ସତ୍ୟତାକୁ ଜାଣି ପାରିବ । ବର୍ତ୍ତମାନ ମୁଁ ଉକ୍ତ ଆୟତ୍‌ର ବିଷୟବସ୍ତୁକୁ ବିସ୍ତୃତ ଭାବରେ ବର୍ଣ୍ଣନା କରି ଦେଉଛି । ଏକଥା ମନେରଖିବା ଉଚିତ୍ ଯେ, ସଂସାରରେ ପ୍ରତ୍ୟେକ ବସ୍ତୁ ନିମନ୍ତେ ଗୋଟିଏ ସକାରାତ୍ମକ ପକ୍ଷ ରହିଛି ଏବଂ ଅନ୍ୟ ପକ୍ଷଟି ନକାରାତ୍ମକ ପକ୍ଷ ଅଟେ । ଯେପର୍ଯ୍ୟନ୍ତ କୌଣସି ବସ୍ତୁର ଉଭୟ ପକ୍ଷ ଦ୍ୱାରା ସଂପୂର୍ଣ୍ଣ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ କୌଣସି ବସ୍ତୁ ସଂପୂର୍ଣ୍ଣ ହୋଇପାରିବ ନାହିଁ । ଅର୍ଥାତ୍ ଯେଉଁ ବିଷୟବସ୍ତୁର ସେହି ପକ୍ଷରେ ପୂର୍ଣ୍ଣତ୍ୱ ହେବା ଆବଶ୍ୟକ ଅଟେ ତାହା ତହିଁରେ ହିଁ ମିଳିବା ଉଚିତ୍ ଓ ଯେଉଁ ବସ୍ତୁ ଦ୍ୱାରା ସେହି ବସ୍ତୁର ଅସ୍ତିତ୍ୱରେ କୌଣସି ଖୁଣ, ତ୍ରୁଟି, ଦୋଷ ଦୁର୍ବଳତା ସୃଷ୍ଟି ହୁଏ ତହିଁରୁ ସେ ପବିତ୍ର ହେବା ଉଚିତ୍ । ଧର୍ମକୁ ଦୃଷ୍ଟି ସମ୍ମୁଖରେ ରଖି ପୂର୍ଣ୍ଣ ଧାର୍ମିକ ଶିକ୍ଷା ନିମନ୍ତେ ତିନୋଟି ଜରୁରୀ ବିଶେଷତା ରହିଛି । ସେହି ବିଶେଷତାଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା । (1) ପୂର୍ଣ୍ଣ ଧାର୍ମିକ ଶିକ୍ଷା ସେହି ବିଷୟବସ୍ତୁ ତଥା ପ୍ରସଙ୍ଗକୁ ସମ୍ପାଦନ କରିବା ନିମନ୍ତେ ଆଦେଶ ଦିଏ ଯେଉଁ ପ୍ରସଙ୍ଗ ଦ୍ୱାରା ଆଧ୍ୟାତ୍ମିକତା ନିଜର ଚରମ ସୀମା ପର୍ଯ୍ୟନ୍ତ ପହଞ୍ଚି ପାରିବ ଏବଂ ସେହି କଥାରୁ ଅଟକାଇଥାଏ ଯେଉଁ କଥାରୁ ନିବୃତ୍ତ ରହିବା ନିମନ୍ତେ ଆଦେଶ ଦିଆଯାଇଛି । ଅର୍ଥାତ୍ ଯେଉଁ ନିରକ୍ଷରତା ସଂପୂର୍ଣ୍ଣ ରୂପେ ବଞ୍ଚିତ କରିଦେବ ତହୁଁ ନିବୃତ୍ତ ରହିବା ଉଚିତ୍ । (2) ପୂର୍ଣ୍ଣ ଧାର୍ମିକ ଶିକ୍ଷା ଏପରି ଆଇନ ପ୍ରସ୍ତାବ ଦେବା ସମୟରେ କେବଳ ଗୋଟିଏ ବ୍ୟକ୍ତି କିମ୍ବା ଜାତି ସହିତ ସଂଶ୍ଲିଷ୍ଟ ହୋଇ ନଥିବ ବରଂ ସାଂଖ୍ୟାଗରିଷ୍ଠ ଏବଂ ସଂଖ୍ୟାଧିକ ଜାତି ସଂପର୍କିତ ହୋଇଥିବ ସେହି ସମସ୍ତ ସ୍ୱଭାବକୁ (ଲୋକମାନଙ୍କୁ) ସମ୍ମାନ ପ୍ରଦର୍ଶନ କରୁ ଯାହାଙ୍କ ନିମନ୍ତେ ତାହା ଅବଲମ୍ବନ କରାଯାଇଥିବ । ସେହି ପୂର୍ଣ୍ଣାଙ୍ଗ ଶିକ୍ଷା ଏପରି ଆଦେଶ ଦେଉ ଯେ, ଯେଉଁ ଆଦେଶ ଉପରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ସାମର୍ଥ୍ୟାନୁଯାୟୀ କାର୍ଯ୍ୟାନୁସରଣ କରିପାରିବ । (3) ପୂର୍ଣ୍ଣ ଧାର୍ମିକ ଶିକ୍ଷାରେ ଏହି ବିଶେଷତା ରହିବା ଉଚିତ୍ ଯେ, ପୂର୍ଣ୍ଣ ଧାର୍ମିକ ଶିକ୍ଷା ମାନବ ଜାତି ନିମନ୍ତେ କାର୍ଯ୍ୟାନୁସରଣ ଯୋଗ୍ୟ ହେବା ଉଚିତ୍ ଏବଂ ସେହି ଶିକ୍ଷା ଦ୍ୱାରା ଧର୍ମରେ, ଚରିତ୍ରରେ କିମ୍ବା ବୁଦ୍ଧିରେ, ସଂସ୍କୃତି ତଥା ଆଚରଣରେ କୌଣସି ଉପଦ୍ରବ ସୃଷ୍ଟି ଯେପରି ହେଉ ନଥିବ । ଅତଏବ୍ ଏହି ତିନୋଟି ବିଶେଷତା ଅଲ୍ଲାଃତାଲା ଉକ୍ତ ଆୟତ୍‌ରେ ଏକତ୍ରିତ କରି ଦେଇଛନ୍ତି । ଦେଖ କେତେ ଛୋଟ କଥା ଅଟେ । କିନ୍ତୁ ତହିଁରେ ପୂର୍ଣ୍ଣତ୍ୱତାର ଦୁଇଟି ପକ୍ଷ ଅର୍ଥାତ ସକାରାତ୍ମକ ଓ ନକାରାତ୍ମକ ପକ୍ଷ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ଏବଂ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ଏକତ୍ରିତ କରିଦିଆଯାଇଛି । ତିନୋଟି କଥା ଅର୍ଥାତ୍ ନ୍ୟାୟବିଚାର, ଅନ୍ୟର ହିତ ସାଧନ କରିବା ଅର୍ଥାତ ଉପକାର କରିବା ଏବଂ ଆତ୍ମୀୟ ସ୍ୱଜନମାନଙ୍କର କର୍ତ୍ତବ୍ୟ ସମ୍ପାଦନ ପ୍ରସଙ୍ଗ ଇତ୍ୟାଦିର ଆଦେଶ ଦିଆଯାଇଛି ଓ ତିନୋଟି କଥାରୁ ନିବୃତ୍ତ ରହିବା ନିମନ୍ତେ କୁହାଯାଇଛି ଯଥା, ନିର୍ଲଜ୍ଜତା, ଅଶୋଭନୀୟ ପ୍ରସଙ୍ଗ ଓ ବିଦ୍ରୋହ (ଅଶ୍ଳୀଳତା, ପ୍ରତ୍ୟାଖ୍ୟାନ ଓ ବିଦ୍ରୋହ) ଆଦିରୁ ରୋକାଯାଇଛି । ନ୍ୟାୟ ବିଚାର କହିଲେ, ସମାନତାକୁ ବୁଝାଏ । ଅର୍ଥାତ୍ ମନୁଷ୍ୟ ଅନ୍ୟ ବ୍ୟକ୍ତି ପ୍ରତି ଏପରି ଆଚରଣ ପ୍ରଦର୍ଶନ କରୁ ଯେପରି ଆଚରଣ ଅନ୍ୟ ଲୋକମାନେ ତା' ପ୍ରତି ପ୍ରଦର୍ଶନ କରିଥାଆନ୍ତି । ଯଦି ବ୍ୟକ୍ତି ଉପରେ କୌଣସି ଅତ୍ୟାଚାର ହେଲା ତେବେ ସେପରିପ୍ରେକ୍ଷୀରେ ସେ ଅନ୍ୟ ଠାରୁ ସେତିକି ହିଁ ପ୍ରତିଶୋଧ ନେଉ ଯେତିକି ଅତ୍ୟାଚାର ତା' ଉପରେ କରାଯାଇଛି । ଏହାଠୁ ବେଶୀ ସେ କ୍ରୁରତା, କଠୋରତା ପ୍ରଦର୍ଶନ କରିପାରିବ ନାହିଁ । ଯଦି ଜଣେ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତି ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କରେ ତେବେ ସେପରିପ୍ରେକ୍ଷୀରେ ଅନ୍ୟ ବ୍ୟକ୍ତିର ମଧ୍ୟ ଏହି କର୍ତ୍ତବ୍ୟ ରହିଛି ଯେ, ସେ ସେତିକି ହିଁ ଓ ସେହିପରି ଉତ୍ତମ ଆଚରଣ ପ୍ରଦର୍ଶ କରୁ ଯେତିକି ବା ଯେପରି ଉତ୍ତରମ ଆଚରଣ ତା' ପ୍ରତି ପ୍ରଦର୍ଶନ କରାଯାଇଛି ।" **(ପ୍ରାମାଣ୍ୟ- ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-4, ପୃ-168)** ☆☆☆

## ପୃ-10 ରେ ବର୍ଣ୍ଣିତ ଶାନ୍ତି ସମ୍ମିଳନୀର ଅବଶିଷ୍ଟାଂଶ...

ପରିବର୍ତ୍ତେ, ଯୁଦ୍ଧକୁ ସମସ୍ୟାର ସମାଧାନ ଭାବରେ ବିବେଚନା କରାଯାଏ । ଯଉଁଠି ଇରାନ୍‌ର ପ୍ରସଙ୍ଗ ରହିଛି ସେଠାରେ ଇରାନ୍ ହିଁ ଏହି ଯୁଦ୍ଧର ଯନ୍ତ୍ରଣାଦାୟକ ପରିସ୍ଥିତିର ପୃଷ୍ଠଭୂମି ଏବଂ ପୂର୍ବସୂଚକ ଅଟେ । ଅନ୍ୟାୟ ଏବଂ ଦୋହରା ନୀତିର କ୍ଷୟକ୍ଷତି ପ୍ରତ୍ୟେକ ବ୍ୟକ୍ତି ଏବଂ ପ୍ରତ୍ୟେକ ରାଷ୍ଟ୍ର ସହ୍ୟ କରିବେ । ଇସ୍‌ଲାମ୍ ଧର୍ମ ଏହା କୁହେ ଯେ, ଅତ୍ୟାଚାରୀ ଏବଂ ନିର୍ଯ୍ୟାତିତ ଉଭୟଙ୍କୁ ସାହାଯ୍ୟ କରିବା ଉଚିତ୍ । ପ୍ରତିଶୋଧର ନିଆଁକୁ ପ୍ରଶମିତ (ଲିଭାଇବା) କରିବା ନିମନ୍ତେ ଇସ୍‌ଲାମ୍ ଧର୍ମ ଶିକ୍ଷା ପ୍ରଦାନ କରିଥାଏ । ପ୍ରତିଶୋଧକୁ ଯଦି ଉଚିତ୍ ବୋଲି ମନେ କରାଯାଇଛି ବା ପ୍ରତିଶୋଧ ନେବାକୁ ଯଦି ଅନୁମତି ଦିଆଯାଏ ତେବେ କେବଳ ସେତିକି ପ୍ରତିଶୋଧ ନିଆଯାଉ ଯେତିକି ଅତ୍ୟାଚାର କରାଯାଇଥିବ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସଂସାରରେ ସ୍ଥାପିତ ଓ ପ୍ରଚଳିତ ନ୍ୟାୟିକ ଅନୁଷ୍ଠାନ ଏବଂ ନ୍ୟାୟିକ ପ୍ରତିଷ୍ଠାନଗୁଡ଼ିକ ବର୍ତ୍ତମାନ ଆକାମି ତଥା ପ୍ରଭାବହୀନ ହୋଇଯାଇଛନ୍ତି । ଲିଗ୍ ଅଫ୍ ନେଶନସ୍ ଯେପରି ଅକାର୍ଯ୍ୟକ୍ଷମ ହୋଇଥିଲା ଠିକ୍ ସେହିପରି ମିଳିତ ଜାତିସଂଘ ମଧ୍ୟ ଏକ ଅକାମି (ଅକାର୍ଯ୍ୟକ୍ଷମ) ପାଲଟି ଯାଇଛି । ପାଞ୍ଚିଟି ଦେଶ ନିମନ୍ତେ ଭିଟୋ ପାୱରର ଅଧିକାର ବା ଭିଟୋ ପାୱର (ନିଷେଧାଧିକାର) ର ବ୍ୟବହାର କରିବା ନ୍ୟାୟର ହତ୍ୟା ଅଟେ । କାନାଡ଼ାର ପ୍ରଧାନମନ୍ତ୍ରୀ କହିଲେ, ଆଜିର ଶକ୍ତିଶାଳୀ ରାଷ୍ଟ୍ର ପାଇଁ ଅନ୍ୟ ଆଇନ ରହିଛି ଏବଂ ଦୁର୍ବଳ ରାଷ୍ଟ୍ର ପାଇଁ ଅନ୍ୟ ଏକ ଆଇନ ରହିଛି । ମାନବିଧିକାର ଚାର୍ଟର (ସାରଣୀ ବା ତାଲିକା) ବର୍ତ୍ତମାନ କେବଳ ଏକ ମୌଖିକ କାର୍ଯ୍ୟ । ଏହାର କୌଣସି ସମ୍ମାନ ତଥା ମର୍ଯ୍ୟାଦା ଆଉ ବାକି ରହିଲା ନାହିଁ । ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଅନ୍ୟ ଛୋଟ ରାଷ୍ଟ୍ରଗୁଡ଼ିକୁ ଶୋଷଣ କରୁଛନ୍ତି । ଏଥି ନିମନ୍ତେ ସେମାନେ ବର୍ତ୍ତମାନ ନୂତନ ପନ୍ଥା ଅବଲମ୍ବନ କରିଛନ୍ତି । ତାହା ହେଲା ମହିଳାମାନଙ୍କର ଅଧିକାର । ଅର୍ଥାତ୍ ଆମେମାନେ ମହିଳାମାନଙ୍କୁ ସେମାନଙ୍କର ଅଧିକାର ପ୍ରଦାନ କରିବୁ । ଏହାର ବିପରୀତରେ ସେମାନଙ୍କର ପ୍ରକୃତ ଚେହେରା ଏହିକି ଯେ, ସେହି ରାଷ୍ଟ୍ରମାନଙ୍କରେ ଯୁଦ୍ଧ ଯୋଗୁଁ ସହସ୍ର ସହସ୍ର ମହିଳାମାନେ ଅସହାୟ ଏବଂ ଖୋଲା ଆକାଶ ତଳେ ପରିତ୍ୟାକ୍ତାବସ୍ଥାରେ ଜୀବନ ବିତାଉଛନ୍ତି । ଇଉରୋପୀୟ ସଂସଦର ଜଣେ ହିସ୍ପାନ୍‌ୱୀ ସଦସ୍ୟ କୁହନ୍ତି ଯେ, ସିରୀୟା, ଇରାକ୍, ଲେବ୍‌ନାନ୍ ଓ ବର୍ତ୍ତମାନ ଇରାନ୍ ସେହି ସମସ୍ତ ଦେଶମାନଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନର ପରିଣାମ ଆମମାନଙ୍କ ସମ୍ମୁଖରେ ରହିଛି । ଆମେମାନେ ଜାଣୁ ଯେ, ଶକ୍ତିଶାଳୀ ଅତ୍ୟାଚାରୀ ରାଷ୍ଟ୍ରମାନେ ସେମାନଙ୍କର ନିଷ୍ଠୁର ଯୁଦ୍ଧ ନୀତିକୁ ଚରିତାର୍ଥ କରିବା ନିମନ୍ତେ ଏହିପରି ବାହାନା କରିଥାଆନ୍ତି । ଜଣେ ମୁସଲମାନ ହିସାବରେ ଆମେମାନେ ଜାଣୁ ଯେ, ଅନେକ ଲୋକ ଏବଂ ସଂଗଠନ ଇସ୍‌ଲାମ୍ ଧର୍ମ ନାମରେ ନିଷ୍ଠୁରତା ଏବଂ କ୍ରୁରତାର ଆଶ୍ରୟ ନେଇଥାଆନ୍ତି । ତା' ପରେ ଗଣମାଧ୍ୟମ ସେମାନଙ୍କର କାର୍ଯ୍ୟକୁ ପ୍ରୋତ୍ସାହିତ କରି ଖବର ଉପସ୍ଥାପିତ କରିଥାଏ । ଏହିପରି ଭାବରେ ଅନ୍ୟ ଧର୍ମ ଇସ୍‌ଲାମ୍ ଧର୍ମ ବିରୁଦ୍ଧରେ ଭୁଲ୍ ଓ ମିଥ୍ୟା କଥାକୁ ପ୍ରଚାର କରିଥାଆନ୍ତି । ଇସଲାମ୍ ଧର୍ମ ହେଉ କିମ୍ବା ଅନ୍ୟ କୌଣସି ଧର୍ମ ଏହାକୁ ବାହାନା କରି ଏହା ପରିପ୍ରକାଶ କରିବା କି ଏହି ବର୍ବରତାର କାରଣ ହେଉଛି ଅମକ ଧର୍ମ । ଏହା ଅନ୍ୟାୟ ଅଟେ ।

ସମନ୍ୱୟ ଏବଂ ନ୍ୟାୟ ନିମନ୍ତେ ପ୍ରୟାସ କରିବା ହେଉଛି ଜମାଅତ୍ ଅହମଦିୟାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ । ଏଥି ନିମନ୍ତେ ଆମେମାନେ ଅହରହ ଉଦ୍ୟମ କରୁଛୁ । ଏହି ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟକୁ ପ୍ରାପ୍ତ କରିବା ନିମନ୍ତେ ଆମେମାନେ ଏହି ଉଦ୍ୟମ ମଧ କରି ଆସିଛୁ ଯେ, ସେ ପଛେ ଅଳ୍ପେ ଲୋକ ହିଁ ହୁଅନ୍ତୁ କିନ୍ତୁ ଆମମାନଙ୍କର ଏହି ସତ୍ୟ ଏବଂ ନ୍ୟାୟମୂଳକ ବାର୍ତ୍ତା ସେମାନଙ୍କ ପର୍ଯ୍ୟନ୍ତ ପହଞ୍ଚିବା ଉଚିତ୍ । ଏହି ଅଭିପ୍ରାୟ ସକାଶେ ମୁଁ (ହୁଜୁର୍ ଅନ୍‌ୱର୍ ଅ.ବ) ବିଶ୍ୱର ବଡ଼ ବଡ଼ ନେତା ଏବଂ ଧର୍ମଗୁରୁମାନଙ୍କୁ ପତ୍ର ଲେଖିଛି, ଇସ୍ରାଇଲ୍‌ର ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ମୁଁ ପତ୍ର ଲେଖିଛି । ମୁଁ ତାଙ୍କ ସମ୍ମୁଖରେ ତୌରାତ୍‌ର ଶିକ୍ଷା ଉପସ୍ଥାପନ କରିଛି । ସେହିପରି ଇରାନ୍‌ର ପ୍ରଧାନମନ୍ତ୍ରୀ ଏବଂ ଅନ୍ୟାନ୍ୟ ମୁସଲମାନ ନେତାମାନଙ୍କୁ ମଧ୍ୟ ମୁଁ ପତ୍ର ଲେଖିଛି ଯଥା- ବ୍ରିଟେନର ପ୍ରଧାନମନ୍ତ୍ରୀ, ଆମେରିକାର ପ୍ରଧାନମନ୍ତ୍ରୀ, ଆମେରିକା ରାଷ୍ଟ୍ରପତି, ଚୀନ୍‌ର ରାଷ୍ଟ୍ରପତିଙ୍କୁ ମଧ୍ୟ ଏହି ସନ୍ଦେଶ ଦେଇଛି ଯେ, ସେମାନେ ମୋ କଥା ଉପରେ ବିଚାର କରନ୍ତୁ ଯେ, ସଂସାର କିପରି ଦିନକୁ ଦିନ ଧ୍ୱଂସଗର୍ଭ ଅଭିମୁଖେ ଅଗ୍ରସର ହେଉଛି । ବର୍ତ୍ତମାନ ତ' ମନୁଷ୍ୟର ଅସ୍ତିତ୍ୱ ପ୍ରତି ବିପଦ ଦେଖା ଦେଲେଣି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଏମାନେ ସମସ୍ତେ ମୋ କଥା ଉପରେ ଧ୍ୟାନ ଦେଉ ନାହାନ୍ତି । ସଂସାରର ପରିସ୍ଥିତି ସ୍ପଷ୍ଟ ରୂପେ ଏହା ଦର୍ଶାଉଛି ଯେ, ଏହି ଲୋକମାନେ ଶୁଣିବାକୁ ଚାହୁଁ ନାହାନ୍ତି । ବିଶ୍ୱରେ ବୃଦ୍ଧି ପାଉଥିବା ଯୁଦ୍ଧ ଏହି ଆଡ଼କୁ ଇଙ୍ଗିତ କରୁଛି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଇସ୍‌ଲାମ୍ ଧର୍ମ ଏହି ଶିକ୍ଷା ଦିଏ ଯେ, ହେ ମୁସଲମାନେ ତୁମେମାନେ ନିଜ କାମନାର ବଶବର୍ତ୍ତୀ (ଅନୁସରଣ କର) ହୁଅ ନାହିଁ, ଅନ୍ୟଥା ତୁମେମାନେ ନ୍ୟାୟରୁ ଦୂରେଇ ଯିବ । ପବିତ୍ର କୁରଆନ୍ କରିମ୍ ସ୍ପଷ୍ଟ ଶିକ୍ଷା ପ୍ରଦାନ କରିଛି ଯେ, ତୁମେମାନେ ଅବିଚଳତା ପ୍ରଦର୍ଶନ କର ଏବଂ ନ୍ୟାୟ ପ୍ରଦର୍ଶନ କର ତଥା ଅନ୍ୟମାନଙ୍କର ଶତ୍ରୁତା ମଧ୍ୟ ତୁମମାନଙ୍କୁ ଉକ୍ତ କଥା ଲାଗି ପ୍ରସ୍ତୁତ ନକରୁ ଯେ, ତୁମେମାନେ ଅନ୍ୟାୟ କରିବାକୁ ପ୍ରରୋଚିତ ହୋଇ ଉଠିବ । ନ୍ୟାୟର ସହିତ କାର୍ଯ୍ୟ କରିବା ମଧ୍ୟ ଧର୍ମପରାୟଣତାର ଅଧିକ ନିକଟବର୍ତ୍ତୀ ଅଟେ ।

ଇସ୍‌ଲାମ୍ ଧର୍ମ କେବଳ ମିତ୍ରମାନଙ୍କର ଅଧିକାରକୁ ସମ୍ପାଦନ କରି ନାହିଁ ବରଂ ଶତ୍ରୁମାନଙ୍କର ଅଧିକାରକୁ ମଧ୍ୟ ସମ୍ପାଦନ କରିଛି । ଇସ୍‌ଲାମ୍ ଧର୍ମ ନିଜର ଧର୍ମାବଲମ୍ବୀମାନଙ୍କୁ ଉପଦେଶ ଦେଇଛି ଯେ, ଯଦି ତୁମମାନଙ୍କୁ ତତ୍ତ୍ୱ ଏବଂ ବୌଦ୍ଧିକପୂର୍ଣ୍ଣ କଥା ଅନ୍ୟ ଜାତି ଠାରୁ ପ୍ରାପ୍ତ ହୁଏ ତେବେ ସେପରିପ୍ରେକ୍ଷୀରେ ତୁମେମାନେ ତାହାକୁ ଗ୍ରହଣ କରିନିଅ । କାରଣ ତାହା ତୁମମାନଙ୍କର ହଜି ଯାଇଥିବା ସମ୍ପତ୍ତି ଓ ଜିନିଷ (ଐତିହ୍ୟ) ଅଟେ ।

ବିଶ୍ୱର ଅଧିକାଂଶ ଲୋକ ଏବେ ବି ଶାନ୍ତି ଚାହୁଁଛନ୍ତି । କିନ୍ତୁ ଏଥି ନିମନ୍ତେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜର ସକାରାତ୍ମକ ଭୂମିକା ଗ୍ରହଣ କରିବାକୁ ହେବ । ପୋପ୍ ଯେପରି କହିଛନ୍ତି ଯେ, ତୃତୀୟ ବିଶ୍ୱଯୁଦ୍ଧ ବିଭିନ ଦେଶରେ ଆରମ୍ଭ ହୋଇ ସାରିଛି । ମୁଁ ଡରୁଛି ଯେ, ଏହି ବିଶ୍ୱଯୁଦ୍ଧରେ ଯେଉଁ ବିନାଶ ଓ କ୍ଷୟକ୍ଷତି ହେବ ତାହା ବିଗତ ବିଶ୍ୱଯୁଦ୍ଧ ତୁଳନାରେ ମଧ ଅତ୍ୟନ୍ତ ବିଧ୍ୱଂସକ ଓ ଘତକ ସାବ୍ୟସ୍ତ ହେବ । **(ଅବଶିଷ୍ଟାଂଶ.....ପୃ-12ରେ)**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday-11 June 2026 Issue No. 24

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com

## ଦୟାକରି ଅହେମଦି ଛାତ୍ରମାନେ ଧ୍ୟାନ ଦିଅନ୍ତୁ ଯେ, କାଦିୟାନ୍ ସ୍ଥିତ ଦାରୁସ୍ ସନାଅତ୍ ଶିକ୍ଷାନୁଷ୍ଠାନ ଠାରେ ଶିକ୍ଷାବର୍ଷ: 2026-2027 ପାଇଁ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି ! (Ahmadiyya vocational training centre)

ଦାରୁସ୍ ସନାଅତ୍ କାଦିୟାନ୍‌ର ମୂଳଦୁଆ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଅନୁମୋଦନ କ୍ରମେ ଏବଂ ବିଶେଷ ମାର୍ଗଦର୍ଶନ କ୍ରମେ 2010 ମସିହାରେ ହୋଇଥିଲା। ଉକ୍ତ ଶିକ୍ଷାନୁଷ୍ଠାନର ମୂଳାଭିପ୍ରାୟ ହେଲା ଛାତ୍ରମାନଙ୍କୁ କର୍ମ କୁଶଳୀ କରିବା ଏବଂ ଟେକ୍‌ନିକାଲ୍ (ବୈଷୟିକ) ପାଠ୍ୟର ଶିକ୍ଷାଦାନ କରାଯାଇ ଛାତ୍ରମାନଙ୍କୁ ରୋଜଗାରକ୍ଷମ କରିବା ଏବଂ ସେମାନଙ୍କ ପାଇଁ ରୋଜଗାରର ଅବସର ସୃଷ୍ଟି କରିବା । ଦାରୁସ୍ ସନାଅତ୍ କାଦିୟାନ୍ ସରକାରୀ ଶିକ୍ଷାନୁଷ୍ଠାନ NSIC ଦିଲ୍ଲୀ ଏବଂ ISO ଦ୍ୱାରା ପଞ୍ଜିକୃତ ଅଟେ। ଉକ୍ତ ଶିକ୍ଷାନୁଷ୍ଠାନରେ ଏକ ବର୍ଷ ପାଇଁ ନିମ୍ନ ଲିଖିତ କୋର୍ସ (ପାଠ୍ୟକ୍ରମ)ର ତାଲିମ୍ ଦିଆଯାଇଥାଏ ଯଥା:- (1) Computer applications (2) Plumbling (3)Electrician (4) Welding (5) Motor vehicle (6) Diesel mechanic (7) AC and Refrigerator ଇତ୍ୟାଦି ।

କାଦିୟାନ୍ ବାହାରରୁ ଆଗତ ଅହେମଦି ଛାତ୍ରମମାନଙ୍କ ରହିବା ନିମନ୍ତେ Mess ଓ Hostelର ବ୍ୟବସ୍ଥା ମଧ୍ୟ ରହିଛି । ରହିବା ଓ ଖାଇବା ନିମନ୍ତେ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ । ଅର୍ଥାତ୍ ସଂପୂର୍ଣ୍ଣ ମାଗଣା କେବଳ କୋର୍ସ ଫି ବାବଦକୁ ଅତି ସହଜ ଓ ସାଧାରଣ କିସ୍ତି ନିଆଯାଇଥାଏ । ଏପରି ଅହେମଦି ଯୁବକମାନେ ଯେଉଁମାନେ ନିଜର ବିଦ୍ୟାଳୟ ଶିକ୍ଷା ସମାପ୍ତ କରିପାରି ନାହାନ୍ତି କିମ୍ବା ସେମାନେ 8th ଓ 10th ଶ୍ରେଣୀ ପରେ ଟେକ୍‌ନିକାଲ କୋର୍ସ (ପାଠ୍ୟକ୍ରମ) କରିବା ନିମନ୍ତେ ଇଚ୍ଛୁକ ଅଟନ୍ତି ତେବେ ସେମାନେ ଆଡ୍‌ମିଶନ ନିମନ୍ତେ ଯଥାଶୀଘ୍ର ଯୋଗାଯୋଗ କରନ୍ତୁ । ଅହେମଦି ପିଲାମାନଙ୍କର ଧାର୍ମିକ ଶିକ୍ଷା ନିମନ୍ତେ ମଧ୍ୟ ବ୍ୟବସ୍ଥା ରହିଛି । ନୂତନ ସେଶନ୍ (ଶିକ୍ଷାବର୍ଷ) 2026-27 ନିମନ୍ତେ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି । ଉକ୍ତ ଶିକ୍ଷା ବର୍ଷର କ୍ଲାସ୍ ଅଗଷ୍ଟ ମାସ 1 ତାରିଖ 2026 ଠାରୁ ଆରମ୍ଭ ହୋଇଯିବ । ଅଧିକ ବିବରଣୀ ଜାଣିବା ନିମନ୍ତେ ନିମ୍ନ ଲିଖିତ ନମ୍ବର ଓ email idରେ ଯୋଗାଯୋଗ କରନ୍ତୁ-

darulsanaat.qadian@gmail.com,
9872725895, 8604024043
**(ପ୍ରିନ୍ସିପାଲ୍ ଦାରୁସ୍ ସନାଅତ୍ କାଦିୟାନ୍)**

☆--☆--☆

## ପୃ-10 ରେ ବର୍ଣ୍ଣିତ ଶାନ୍ତି ସଂପାନ (ଆଲୋଚନା ଚକ୍ର)ର ଅବଶିଷ୍ଟାଂଶ...

ଆଜି ଆମ ସମସ୍ତଙ୍କର ଏହି କର୍ତ୍ତବ୍ୟ ରହିଛି ଯେ, ଆମେମାନେ ନିଜର ପରବର୍ତ୍ତୀ ବଂଶଧରମାନଙ୍କ ସକାଶେ ଏକ ଶାନ୍ତିପୂର୍ଣ୍ଣ ସଂସାର (ପରିବେଶ) ଛାଡ଼ିକି ଯିବୁ ଏବଂ ଏଥି ନିମନ୍ତେ ଆପଣମାନେ ସ୍ୱଉଦ୍ୟମ ମଧ୍ୟ କରନ୍ତୁ । ଅନ୍ୟଥା ପରବର୍ତ୍ତୀ ପିଢୀ ଆମମାନଙ୍କୁ ଦୋଷୀ ଓ ଦାୟୀ କରିବ ଏବଂ ଏହା କହିବ ଯେ, ତୁମେମାନେ କିଭଳିଆ ବିନାଶ ପ୍ରାପ୍ତ ସଂସାର ଆମମାନଙ୍କ ସକାଶେ ଛାଡ଼ିଛ । ☆☆☆

## ପୃ-10, ସ୍ତମ୍ଭ 1ରେ ବର୍ଣ୍ଣିତ ସିରତୁଲ୍ ମେହଦୀର ଅବଶିଷ୍ଟାଂଶ...

କଥା ସଠିକ୍ ଅଟେ ତେବେ ନିଜର ପତ୍ନି ତଥା ମିର୍ଜା ଅଲୀ ଶେରର କନ୍ୟା ଅଟେ (ଯେକି ଘୋର ବିରୋଧୀ ଥିଲା ଏବଂ ମିର୍ଜା ଅହମଦ ବେଗ୍‌ଙ୍କ ଭାଣିଜୀ ଥିଲା) ତାକୁ ତଲାକ୍ (ଛାଡ଼ ପତ୍ର) ଦେଇଦିଅ । ମିର୍ଜା ଫଜଲ୍ ଅହମଦ୍ ସାହେବ ତୁରନ୍ତ ଛାଡ଼ପତ୍ର ଲେଖି ହ. ସାହେବ ଅ.ସଙ୍କ ପାଖକୁ ପ୍ରେରଣ କରିଦେଲେ । ମାତାଶ୍ରୀ କୁହନ୍ତି: "ଫଜଲ୍ ଅହମଦ ସାହେବ୍ ବାହାରୁ ଆସି ଆମ ପାଖରେ ରହୁଥିଲା। କିନ୍ତୁ ନିଜର ଦ୍ୱିତୀୟ ପତ୍ନିର ଉପଦ୍ରବ ସଂସ୍ପର୍ଶରେ ଆସି ପରିଶେଷରେ ସେ ମଧ୍ୟ ଧୀରେ ଧୀରେ ପ୍ରତିପକ୍ଷଙ୍କ ସହିତ ଯାଇ ମିଶିଗଲା । ମାତାଶ୍ରୀ କୁହନ୍ତି, ଫଜଲ୍ ଅହମଦ ଅତ୍ୟନ୍ତ ଲାଜୁକିଆ ସ୍ୱଭାବର ପୁତ୍ର ଥିଲା । ହ. ସାହେବଙ୍କ ସମ୍ମୁଖରେ ଆଖି ଉପରକୁ ଉଠାଉ ନଥିଲା । ହ. ସାହେବ ତା' ସଂପର୍କରେ କହୁଥିଲେ ଯେ, ଫଜଲ୍ ଅହମଦ ଅତ୍ୟନ୍ତ ସରଳ ସ୍ୱଭାବର ସନ୍ତାନ ଅଟେ ତା' ମଧ୍ୟରେ ପ୍ରେମଭାବ ରହିଛି । କିନ୍ତୁ ଅନ୍ୟ ଲୋକମାନଙ୍କର ପ୍ରରୋଚନାରେ ସେ ବିରୋଧୀମାନଙ୍କ ସହିତ ଯାଇ ମିଶିଯାଇଛି । **(ଅବଶିଷ୍ଟାଂଶ....ପରବର୍ତ୍ତୀ ସଂଖ୍ୟାରେ )**

## (ବିଶେଷ ସୂଚନା)

ଏତଦ୍ୱାରା ଜମାଅତ୍‌ର ସମସ୍ତ ସଦସ୍ୟବୃନ୍ଦଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା- **1 ଅପ୍ରେଲ୍ 2026** ମସିହା ଠାରୁ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା ଏମ୍.ଟି.ଏରେ ଠିକ୍ ସନ୍ଧ୍ୟା **5.30** ମିନିଟରେ ପ୍ରସାରିତ ହେଉଛି ।

**(ସମ୍ପାଦକ ମଣ୍ଡଳୀ, ବଦର୍)**

## ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଆଗ୍ରହୀ ଅହେମଦି ଛାତ୍ରମାନେ ଦୟାକରି ଧ୍ୟାନ ଦିଅନ୍ତୁ ! ଚଳିତ ବର୍ଷ ଏପ୍ରିଲ୍ ମାସ 1 ତାରିଖ ଠାରୁ ଯାମିୟା ଅହମଦିୟା କାଦିୟାନ୍ ଠାରେ ମୁବଲ୍ଲିଗ୍ ପାଠ୍ୟକ୍ରମ ଏବଂ ମୁଅଲ୍ଲିମ୍‌ମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ଓ ମାଦ୍ରାସାତୁଲ୍ ହିଫଜ୍ ପାଇଁ ନାମଲେଖା ଆରମ୍ଭ ହେବାକୁ ଯାଉଛି....

ଯାମିୟା ଅହେମଦିୟା କାଦିୟାନ୍ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏକ ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନ ଅଟେ । ଏଠାରେ ଏଯାବତ୍ ସହସ୍ରାଧିକ ବିଦ୍ୱାନ୍ ଏବଂ ମୁବଲ୍ଲିଗିନ୍‌ମାନେ ଶିକ୍ଷା ପ୍ରାପ୍ତ କରି ଇସଲାମ୍ ଧର୍ମର ପ୍ରକୃତ ଶିକ୍ଷାକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପରିବ୍ୟାପ୍ତ କରିବାର କର୍ତ୍ତବ୍ୟ ସମ୍ପାଦନ ଓ ନିର୍ବାହ କରି ଆସୁଛନ୍ତି । ସୟେଦିନା ହୁଜୁରେ ଅନ୍‌ୱର୍ ଅ.ବ ମଧ୍ୟ ଅନେକ ଅବସରରେ ଅହେମଦି ଛାତ୍ରମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ସ୍ଥାପିତ ଏହି ପବିତ୍ର ଧାର୍ମିକ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଆହରଣ କରିବା ସଂକ୍ରାନ୍ତରେ ସେବା କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ଅତଏବ୍ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଆଦେଶାନୁକ୍ରମେ ଅଧିକରୁ ଅଧିକ ୱାକ୍‌ଫିନେ ନଅ ଓ ଅଣ ୱାକ୍‌ଫିନେ ନଅ ଛାତ୍ରମାନଙ୍କୁ ଯାମିୟା ଅହେମଦିୟା କାଦିୟାନ୍‌ରେ ନାମ ଲେଖାଇ ଶିକ୍ଷାର୍ଜନ କରିବା ପ୍ରସଙ୍ଗରେ ଧର୍ମ ସେବା କରିବା ନିମନ୍ତେ ନିଜକୁ ଉପସ୍ଥାପିତ କରିବା ଉଚିତ୍ । ଅତଏବ୍ ସୟେଦିନା ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଚଳିତ ବର୍ଷ ଏପ୍ରିଲ୍ ମାସ 1 ତାରିଖ ଠାରୁ ଯାମିୟା ଅହମଦିୟା କାଦିୟାନ୍ ଠାରେ ମୁବଲ୍ଲିଗ୍ ପାଠ୍ୟକ୍ରମ ଏବଂ ମୁଅଲ୍ଲିମ୍‌ମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ସକାଶେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ତେଣୁ ଯେଉଁ ଛାତ୍ରମାନଙ୍କର ମ୍ୟାଟ୍ରିକ୍ ପରୀକ୍ଷା କିମ୍ବା +2ର ପରୀକ୍ଷା ସମାପ୍ତ ହୋଇଯାଇଛି ଏବଂ ଯେଉଁମାନେ ଯାମିୟା ଅହେମଦିୟାରେ କିମ୍ବା ସ୍ୱଳ୍ପ ଅବଧିର ବିଶିଷ୍ଟ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଇଚ୍ଛୁକ ଓ ଅଗ୍ରହୀ ଅଟନ୍ତି ସେମାନେ "**ଶୋବା ୱକ୍‌ଫେ ନଅ ଭାରତ**" (ୱକ୍‌ଫେ ନଅ ବିଭାଗ) କିମ୍ବା ନଜାରତ୍ ତାଲିମ୍ ସହିତ ଯୋଗାଯୋଗ କରନ୍ତୁ ଓ ଶୀଘ୍ରାତିଶୀଘ୍ର ଫର୍ମ (ଆବେଦନ ଫର୍ମ)ଟିକୁ ପୂରଣ କରି ୱକ୍‌ଫେ ନଅ ଭାରତ ସ୍ଥିତ କାର୍ଯ୍ୟାଳୟକୁ କିମ୍ବା ନଜାରତ୍ ତାଲିମ୍‌କୁ ତୁରନ୍ତ ପ୍ରେରଣ କରନ୍ତୁ ।

**ନାମ ଲେଖାଇବା ନିମନ୍ତେ ନିମ୍ନଲିଖିତ ସର୍ତ୍ତାବଳୀ ଉଦ୍ଦିଷ୍ଟ ରହିଛି:**

**(1)** ମ୍ୟାଟ୍ରିକ୍ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 17 ବର୍ଷ ହୋଇଥିବା ଉଚିତ୍ ଏବଂ +2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ନିମନ୍ତେ ଆବେଦନକାରୀ ଛାତ୍ରର ବୟସ 19 ବର୍ଷ ହୋଇଥିବା ଆବଶ୍ୟକ । ଯେଉଁ ଛାତ୍ରମାନେ ପବିତ୍ର କୁରଆନ୍ କରୀମ୍ ମୁଖସ୍ଥ କରିଛନ୍ତି ସେମାନଙ୍କର ବୟସ ସୀମା ଯଦି ଉପରୋକ୍ତରେ ବର୍ଣ୍ଣିତ ବୟସ ସୀମା ଠାରୁ ଅଧିକ ହୁଏ ତେବେ ସେ କ୍ଷେତ୍ରରେ ସେମାନଙ୍କ ପାଇଁ ବୟସ କୋହଳ କରିଦିଆଯିବ । **(2)** ଯାମିୟା ଅହେମଦିୟାରେ ନାମ ଲେଖାଇବା ନିମନ୍ତେ ଜାତୀୟ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ ଛାତ୍ରମାନଙ୍କର ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର) ଏବଂ ଲିଖିତ ପରୀକ୍ଷା ଆୟୋଜନ କରିବ ଓ ଯାମିୟା ଅହମଦିୟା ନିମନ୍ତେ ସେହି ଛାତ୍ରମାନଙ୍କୁ Select (ଚୟନ) କରିବ ଯେଉଁମାନେ ଉପରୋକ୍ତ ସର୍ତ୍ତକୁ ପୂରଣ କରୁଥିବେ । ଲିଖିତ ପରୀକ୍ଷାରେ ପବିତ୍ର କୁରଆନ୍ କରୀମ୍, ଇସ୍‌ଲାମ୍, ଅହମଦିୟତ୍, ଦିନି ମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ସାଧାରଣ ଜ୍ଞାନରୁ ପ୍ରଶ୍ନ ପଡ଼ିବ । **(3)** ଲିଖିତ ପରୀକ୍ଷାରେ ଏବଂ ସାକ୍ଷାତ୍‌କାରରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ନୁର୍ ହସ୍ପିଟାଲ୍ କାଦିୟାନ୍‌ରେ ମେଡ଼ିକାଲ୍ ପରୀକ୍ଷା କରାଯିବ । ଲିଖିତ ପରୀକ୍ଷା, ସାକ୍ଷାତ୍‌କାର ଏବଂ ସୟେଦିନା ହୁଜୁର ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ଯାମିୟା ଅହମଦିୟା କାଦିୟାନ୍‌ରେ ମେଡ଼ିକାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ହିଁ ନାମ ଲେଖାଯିବ । **(4)** ବିବାହିତ ସ୍ନାତକ ଏବଂ ସ୍ନାତକୋତ୍ତର ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ପାଇଁ ସ୍ୱଳ୍ପ ଅବଧି ବିଶିଷ୍ଟ ପାଠ୍ୟକ୍ରମ ପାଇଁ ସମୟ ସୀମା ଅଢେଇ ବର୍ଷ ବୋଲି ଧାର୍ଯ୍ୟ ହୋଇଛି । ଯହିଁରେ ଦୁଇ ବର୍ଷ ଅର୍ଥାତ୍ 24 ମାସ ପାଠପଢ଼ା ସହିତ 6 ମାସ ଟ୍ରେନିଂ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଅପରପକ୍ଷେ ମ୍ୟାଟ୍ରିକ/+2 ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ନିମନ୍ତେ ସ୍ୱଳ୍ପ ଅବଧି ବିଶିଷ୍ଟ ମୁଅଲ୍ଲିମ୍ କୋର୍ସ ପାଇଁ ସାଢେ 3 ବର୍ଷ ଧାର୍ଯ୍ୟ ହୋଇଛି । ଯହିଁରେ 3 ବର୍ଷ ପାଠ ପଢ଼ା ସହିତ 6 ମାସ ଟ୍ରେନିଂ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । **(5)** ଅବେଦନ ଫର୍ମ Mail ମାଧ୍ୟମରେ ପ୍ରାପ୍ତ କରିବା ନିମନ୍ତେ ନିମ୍ନରେ ଠିକଣା ପ୍ରଦାନ କରାଗଲା ।

waqfenau@qadian.in

**WAQF-E-NAU DEPARTMENT (NAZARAT TALEEM) Darul Balagh, CIVIL LINE , QADIAN, DISTRICT: GURDASPUR, PUNJAB (INDIA) PIN: 143516, CONTACT: 01872-500975, 9988991775**

(ସଦର୍ ନ୍ୟାସନଲ୍ କ୍ୟାରିୟର୍ ପ୍ଲାନିଂ କମିଟି ୱକ୍‌ଫେ ନଅ ଭାରତ)☆--☆--☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan